# ଶୀତଳଭଣ୍ଡାରରେ ସିବିଆଇ ତଦନ୍ତ

ପାରାଦୀପ,୮।୯(ସ୍ୱ.ପ୍ର.)

## ବ୍ଲାକରୋଜ ବୁଡ଼ିକୁ ୧୦ବର୍ଷ



ପାରାଦୀପ ବନ୍ଦର ଇତିହାସରେ କଳଙ୍କର ଛାପ ଛାଡ଼ିଥିବା ଏମ୍‌ଭି ବ୍ଲାକରୋଜ ବୁଡ଼ି ଘଟଣାକୁ ସୋମବାର ୧୦ବର୍ଷ ପୂରିଛି। ଏହି ୧୦ବର୍ଷ ମଧ୍ୟରେ ମଙ୍ଗୋଲିଆର ସେହି ଜାହାଜକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲେ ହେଁ ବୁଡ଼ିବାର କାରଣ ଏ ପର୍ଯ୍ୟନ୍ତ ରହସ୍ୟାବୃତ୍ତ ହୋଇରହିଛି। ଏହାକୁ ନେଇ ଓଡ଼ିଶା ଓ କଲିକତା ହାଇକୋର୍ଟରେ ମାମଲା ରୁଜୁ ହେବା ସହ ୩ଟି ତଦନ୍ତକାରୀ ସଂସ୍ଥା ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର କମିଟି ଦ୍ୱାରା ତଦନ୍ତ ହୋଇଛି। ସେହିପରି ରାଜ୍ୟ ଓ କେନ୍ଦ୍ରରେ ରାଜନୈତିକ ହଟଚମଟ ମଧ୍ୟ ସୃଷ୍ଟି ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ତଦନ୍ତକାରୀ ସଂସ୍ଥା ଜାହାଜର ମାଲିକ ମଙ୍ଗୋଲିଆର ସି.କକ୍‌ଙ୍କ ପାଖରେ ପହଞ୍ଚିପାରିନାହିଁ। ଅନ୍ୟପକ୍ଷରେ ଏହି ଜାହାଜ ଆଣିଥିବା ସେତେବେଳର ସି ଟ୍ରାନ୍ସ କମ୍ପାନୀ ଓ ରପ୍ତାନୀ କରିଥିବା ୩ ଖଣି ମାଲିକ ରେକ୍ଟର ମାଇନ୍ସ, ଓରିକାଷ୍ଟ, ପାଓରୋକ୍ସନାଇଟ ବିରୋଧରେ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଅନ୍ୟପକ୍ଷରେ ସେହି କମ୍ପାନୀମାନେ ପୂର୍ବନାମ ବଦଳାଇ ଏବେ ମଧ୍ୟ ବ୍ୟବସାୟ ଚଳାଇଛନ୍ତି। ଗତବର୍ଷ ଟ୍ରଷ୍ଟବୋର୍ଡ ବୈଠକରେ କେତେକ ଟ୍ରଷ୍ଟିଙ୍କ ସୁପାରିଶ କ୍ରମେ ବ୍ଲାକରୋଜ ବୁଡି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସିବିଆଇ ତଦନ୍ତ ଶୀତଳଭଣ୍ଡାରରେ ରହିଯାଇଛି। ସମୁଦ୍ରର ଯେଉଁ ଆଙ୍କରେଜ ଏରିଆରେ ଜାହାଜ ବୁଡ଼ିଥିଲା, ସେଠାରେ ଯାହାଜର କିଛି ଅଂଶ ଉପରକୁ ଦେଖାଯାଉଥିଲା। କିନ୍ତୁ ଗତ ୨ବର୍ଷ ହେଲା ତାହା ଆଉ ଦୃଶ୍ୟମାନ ହେଉନାହିଁ। ଗତ ୧୦ବର୍ଷ ଭିତରେ ସେହି ସ୍ଥାନରେ ଯଦିଓ ସେଭଳି କୌଣସି ଦୁର୍ଘଟଣା ଘଟିନାହିଁ, ତଥାପି ଭୟ ରହିଛି। ସେହି ସ୍ଥାନରେ କୌଣସି ନୌଦୁର୍ଘଟଣା ଘଟିବନାହିଁ ବୋଲି କହିହେବ ନାହିଁ। ସୂଚନାଯୋଗ୍ୟ, ୨୦୦୯ ସେପ୍ଟେମ୍ବର ୯ ତାରିଖ (୦୯-୦୯-୦୯)ରେ ମଙ୍ଗୋଲିଆର ବ୍ଲାକରୋଜ ଜାହାଜ ପାରାଦୀପ ବନ୍ଦର ଭିତରେ ୪୨,୯୭୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ କରିଥିଲା। ଏହି ଲୁହାପଥର ଓଦା ଥିଲା। ତେଣୁ ଏହା ବିପଦ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଅଧାରୁ ବୋଝେଇ ବନ୍ଦ କରାଯାଇ ସେହି ଜାହାଜକୁ ସମୁଦ୍ରର ଆଙ୍କରେଜ ଏରିଆରେ ଅପେକ୍ଷା କରିବାକୁ ବନ୍ଦର ପକ୍ଷରୁ ମୌଖିକ ଭାବେ କୁହାଯାଇଥିଲା। ଜାହାଜଟି ଆଙ୍କରେଜ ଏରିଆରେ ଥିବାବେଳେ ଓଦା କାର୍ଗୋ ଅଣେଇ ହୋଇପଡିବାରୁ ତାହା ବୁଡ଼ିଯାଇଥିଲା। ସେତେବେଳେ ଜାହାଜରେ ଥିବା ୨୭ଜଣ ନାବିକଙ୍କ ମଧ୍ୟରୁ ବନ୍ଦର ମେରାଇନ ବିଭାଗ ୨୬ ଜଣଙ୍କୁ ଉଦ୍ଧାର କରିଥିଲା। ଜାହାଜର ମୁଖ୍ୟଯନ୍ତ୍ରୀ ଆଲେକ ଜାଣ୍ଡାର ୟୁଲୋଶ୍ୱେଙ୍କୋଙ୍କ ମୃତ୍ୟୁ ଘଟିଥିଲା। ଜାହାଜ ବୁଡିର ୮ଦିନ ପରେ ତାଙ୍କ ମୃତଦେହ ମିଳିଥିଲା। ପରେ ଜାହାଜରୁ ତେଲ ନିର୍ଗତ ହୋଇ ସମୁଦ୍ରରେ ଭାସିବାରୁ ବ୍ୟାପକ ପ୍ରଦୂଷଣ ସୃଷ୍ଟି ହୋଇଥିଲା। ପ୍ରଥମେ ମେରାଇନ ଥାନା ଓ ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିଥିଲା। ଏବେ ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ରହିଛି।

## ଗୋରୁଙ୍କୁ ବ୍ୟାପୁଛି ଚର୍ମବିଣ୍ଡି ରୋଗ

**ବାଲିଆ,୮।୯:** ବିରିଡ଼ି ବ୍ଲକ ଶିବପୁର ପଞ୍ଚାୟତରେ ଗୋରୁଙ୍କୁ ଚର୍ମ ବିଣ୍ଡି ରୋଗ ବ୍ୟାପିବାରେ ଲାଗିଛି। ବିଶେଷକରି କ୍ଷୀର ଦେଉଥିବା ଗାଈ, ଗର୍ଭବତୀ ଗାଈ ଓ ଛୋଟ ବାଛୁରିଙ୍କୁ ଏହି ରୋଗ ଆକ୍ରାନ୍ତ କରିଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଗୋରୁଙ୍କ ଗୋଡ଼ ଫୁଲିବା ସହ ଦେହସାରା ଛୋଟ ଛୋଟ ବିଣ୍ଡି ପଡି ସେଥିରୁ ରକ୍ତ ବାହାରୁଛି। ଗୋରୁ ଠିକ ଭାବେ ଖାଦ୍ୟ ଖାଉନାହାନ୍ତି। ସେହିପରି ଏହି ରୋଗରେ ଆକ୍ରାନ୍ତ ଗାଈ ଆଶାନୁରୂପ କ୍ଷୀର ଦେଉନାହିଁ। ତେଣୁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶଢେଇ କଣାର ଚାଷୀ କୁଳମଣି ବେହେରା, ଗୁନ ବେହେରା, ସୁଦାମ ସ୍ୱାଇଁ, ପବନି ବେହେରା, ଆଲୋକ ବେହେରା, କେଲୁ ବେହେରା, ଶଙ୍କରପୁରର କ୍ଷେତ୍ରମୋହନ ସ୍ୱାଇଁ ପ୍ରମୁଖ ଚାଷୀ ଦାବି କରିଛନ୍ତି। ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଜଗଦିଶ ମହାନ୍ତି କହିଛନ୍ତି ଯେ, ସୋମବାର ସକାଳେ ଭ୍ରାମ୍ୟମାଣ ଗାଡି ଯୋଗେ ସେଠାରେ ଗୋରୁଙ୍କ ଚିକିତ୍ସା କରାଯିବ।

## ୬ ଜଣଙ୍କ ଜୀବନ ବଞ୍ଚାଇଲେ ଯୁବକ

ଜଗତ୍‌ସିଂହପୁର ଅଫିସ,୮।୯

**ପୋଖରୀରେ ବୁଡ଼ିଯାଉଥିଲେ ୫ ନାବାଳିକା, ଜଣେ ଯୁବତୀ**

ରବିବାର ଖୁଦୁରୁକୁଣୀ ଓଷାରେ ସ୍ଥାନୀୟ ପାଟେଣୀଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଏକ ପୋଖରୀରେ ୬ଜଣ ବୁଡ଼ିଯାଉଥିବା ବେଳେ ଜଣେ ଯୁବକ ସାହସର ସହ ସେମାନଙ୍କୁ ଉଦ୍ଧାର କରିଛନ୍ତି। ବୁଡ଼ିଯାଉଥିବା ୬ଜଣଙ୍କ ମଧ୍ୟରେ ୫ଜଣ ନାବାଳିକା ଓ ଜଣେ ସାବାଳିକା ଥିବା ଜଣାଯାଇଛି। ନାବାଳିକାମାନେ ହେଲେ ବିଦ୍ୟୁସ୍ମିତା ସାହୁ, ଶୁଭସ୍ମିତା ସାହୁ, ଲିପ୍ସାରାଣୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ମଧୁସ୍ମିତା ସାହୁ। ସାବାଳିକା ଜଣଙ୍କ ହେଲେ ଶୁଭସ୍ମିତା ରାଉତ(୨୩)। ସୂଚନା ଅନୁଯାୟୀ, ଖୁଦୁରୁକୁଣୀ ଓଷା ପାଇଁ ସେମାନେ ବାଲୁକା ପୂଜା କରିବାକୁ ପୋଖରୀ ତୁଠରୁ ମାଟି ଆଣୁଥିଲେ। ଏହି ସମୟରେ ବିଦ୍ୟୁସ୍ମିତା(୧୨)ଙ୍କ ଗୋଡ଼ ଖସିଯିବାରୁ ସେ ଖୋଖରୀ ଭିତରକୁ ଖସିଯାଇଥିଲେ। ପାଖରେ ଥିବା ଆଉ ଜଣେ ଝିଅ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବୁଡ଼ି ଯାଇଥିଲେ। ଏହିପରି ଜଣେ ପରେ ଜଣେ ୬ ଜଣ ପୋଖରୀରେ ବୁଡିଯାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କାଳନ୍ଦୀ ନାମକ ଜଣେ ଯୁବକ ବହୁ କଷ୍ଟରେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ସେମାନଙ୍କୁ ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାଯାଇଛି। ଏହି ସାହସିକତା ପାଇଁ ଗ୍ରାମବାସୀ କାଳନ୍ଦୀଙ୍କୁ ବେଶ ପ୍ରଶଂସା କରିଛନ୍ତି।

**ALAKA MAHABIDYALAYA**
**ANANTABATA, ANAKHIA, JAGATSINGHPUR, 754102**
Interested candidates securing atleast 55% at the P.G. Level may apply the undersigned alongwith copies of all certificates for the appointment of **Lecturers in Pol-Science, Odia, Economics, Sanskrit, Mathematics & English on contractual basis**, so as to reach the Office of the Principal latest by 16.09.2019.
*Sd./-*
*Principal cum Secretary*

## ହଂସଦିଆ ଗ୍ରାମରେ ହେଟାବାଘ ଆତଙ୍କ

**ଲଳିତଗିରି,୮।୯(ସ୍ୱ.ପ୍ର.):** ବୈରୀ ବନବିଭାଗ ଅଧୀନ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ ଶନିବାର ରାତିରେ ହେଟାବାଘ ଆତଙ୍କ ଦେଖିବାକୁ ମିଳିଛି। ରାତି ପ୍ରାୟ ୧୦ଟାରେ ଗ୍ରାମର ପ୍ରଦ୍ୟୁମ୍ନ କର ଏବଂ ଶ୍ରୀକାନ୍ତ ପୃଷ୍ଟି ଦେକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ମୁଣ୍ଡ ତାରିଣୀ ମନ୍ଦିର ନିକଟରେ ହେଟାବାଘ ଠିଆ ହୋଇଥିବା ଦେଖିଥିଲେ। କିଛି ସମୟ ପରେ ସେହି ଗ୍ରାମର ମଣ୍ଟୁ ମହାପାତ୍ର ବାଇକରେ ଆସୁଥିବାବେଳେ ହେଟା ଗାଁପାଖ ଶ୍ମଶାନରେ ଥିବା ଦେଖିଥିଲେ। ପାଟି ଶୁଣି ଶୌଚହେବାକୁ ଆସୁଥିବା ପ୍ରତାପ ମଲିକ ଗାଁ ସ୍କୁଲ ନିକଟରେ ଟର୍ଚ୍ଚ ମାରିବାରୁ ହେଟା ଧାନ ବିଲଦେଇ ଜଙ୍ଗଲକୁ ପଳାଇଥିଲା। ପରେ ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଅଧିକାରୀ ଚନ୍ଦ୍ରଶେଖର ଦାଶ, ଫରେଷ୍ଟ ଗାର୍ଡ ସାକିର ହୁସେନଙ୍କ ସମେତ ଏକ ଟିମ ପହଞ୍ଚି ତଦନ୍ତ କରିଥିଲେ। ପାଦଚିହ୍ନରୁ ଏହା ଏକ ହେଟାବାଘ ବୋଲି ସେମାନେ କହିଛନ୍ତି।

## ବିଧାୟକଙ୍କ ପାଇଁ ବଞ୍ଚିଗଲେ ନାବାଳକ

**ନାଉଗାଁ,୮।୯(ସ୍ୱ.ପ୍ର.):** ରବିବାର ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ପାଇଁ ଜଣେ ନାବାଳକଙ୍କ ଜୀବନ ବଞ୍ଚିଯାଇଛି। ସୂଚନା ଅନୁଯାୟୀ, ବିଧାୟକ ମୁଦୁଲି କୋକିଡିହ-ଗାରୋଇ ରାସ୍ତାରେ ବିଭିନ୍ନ ଗ୍ରାମକୁ ଖୁଦୁରୁକୁଣୀ ମେଢ ଦର୍ଶନ କରିବାକୁ ଯାଉଥିଲେ। ଏହି ସମୟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀରେ ଜଣେ ନାବାଳକ ବୁଡ଼ି ଯାଉଥିବା ଦେଖି ସେ ଗାଡ଼ି ରଖି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ଲୋକମାନେ ଆସି ନାବାଳକଙ୍କୁ ଉଦ୍ଧାର କରିବା ପରେ ବିଧାୟକ ନିଜ ଗାଡିରେ ତାଙ୍କୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏଥିସହ ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଡାକ୍ତରଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲା। ସମ୍ପୃକ୍ତ ନାବାଳକ ହେଲେ ନାଉଗାଁ ବ୍ଲକ ବାଂଶ ପଞ୍ଚାୟତ ଚାନ୍ଦପୁରା ଗୋଚ୍ଛାୟତ ସାହିର ବିଷ୍ଣୁ ଗୋଚ୍ଛାୟତଙ୍କ ପୁଅ ବିଶ୍ୱଜିତ (୯)। ପରେ ବିଧାୟକ ତାଙ୍କ ପରିବାରକୁ ଭେଟି ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଚିକିତ୍ସା ପରେ ପିଲାଟି ସୁସ୍ଥ ଥିବା ଜଣାଯାଇଛି।

## ସାହାରାପେଣ୍ଠ ମତ୍ସ୍ୟଦିଆ ନଦୀ ଲିଜ୍ ଅର୍ଥ ପ୍ରଦାନ

**କୁଜଙ୍ଗ,୮।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ହଜାର ହଜାର କୈବର୍ତ୍ତଙ୍କ ପାଇଁ ଶନିବାର ଷୋଳଭାଇ କୈବର୍ତ୍ତ ସଭା ପକ୍ଷରୁ ସାହାରାପେଣ୍ଠ ମତ୍ସ୍ୟଦିଆ ନଦୀର ଲିଜ୍ ଅର୍ଥ କୁଜଙ୍ଗ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ କୈବର୍ତ୍ତଙ୍କ ପ୍ରତିନିଧି ଭାବେ କୁଳମଣି ବେହେରା ଏହି ଅର୍ଥ ପଇଠ କରିଥିଲେ। ଫଳରେ ପୁରୁଷାନୁକ୍ରମେ ଦୁଇ ଜିଲାର କୈବର୍ତ୍ତମାନେ ସାହାରାପେଣ୍ଠ ମତ୍ସ୍ୟଦିଆ ନଦୀରୁ ମାଛ ଧରିବାର ଯେଉଁ ଅଧିକାର ପାଇଆସୁଥିଲେ ତାହା ବଳବତ୍ତର ରହିଲା। ତେବେ ପ୍ରତିବର୍ଷ ପରି ଚଳି ଆର୍ଥିକ ବର୍ଷ ଆରମ୍ଭରୁ ଏହି ଅର୍ଥ ପଇଠ କରିବାର ଥିଲେ ମଧ୍ୟ ଏଥିରେ ବିଳମ୍ବ ଘଟିଛି। ପ୍ରକାଶ ଯେ, ସାହାରାପେଣ୍ଠ ମତ୍ସ୍ୟଦିଆ ଅଧୀନରେ ୫୭ଟି ନଦୀ ଓ ଜୋର ରହିଛି। କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, କୁଜଙ୍ଗ, ଏରସମା ତହସିଲ ଅଧୀନ ୯୯ଟି କୈବର୍ତ୍ତ ବହୁଳ ଗ୍ରାମର ହଜାର ହଜାର କୈବର୍ତ୍ତ ବର୍ଷ ବର୍ଷ ଧରି ଏଥିରୁ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି। ପୂର୍ବରୁ ଷଣ୍ଢ ରାଜା ଓ ପରେ ବର୍ଦ୍ଧମାନ ଜମିଦାରଙ୍କଠାରୁ ସେମାନେ ଏହି ଅଧିକାର ପାଇଥିଲେ। ପ୍ରଥମେ ପ୍ରଥମେ ଏଥିପାଇଁ ସେମାନଙ୍କୁ ବାର୍ଷିକ ୫ଶହ ଟଙ୍କା ଖଜଣା ଦେବାକୁ ପଡୁଥିଲା। ଏହି ଅର୍ଥର ପରିମାଣ ବୃଦ୍ଧି ପାଇ ଏବେ ୮,୩୫,୪୫୦ ଟଙ୍କାରେ ପହଞ୍ଚିଛି। ସେହିପରି ଚଳିତବର୍ଷ ଅମାନତ ରାଶି ଭାବେ ୮୩,୫୪୬ ଟଙ୍କା ମଧ୍ୟ ଜମା କରାଯାଇଥିବା ଜଣାପଡିଛି। ଏନେଇ କୁଜଙ୍ଗ ତହସିଲଦାର ଦୁଇ ଜିଲାର ଜିଲାପାଳ, ତହସିଲଦାର, ଥାନା ଅଧିକାରୀଙ୍କୁ ମଧ୍ୟ ମେମୋ ସଂଖ୍ୟା-୫୦୩୦ ଜରିଆରେ ଅବଗତ କରାଇଛନ୍ତି। କୂଳମଣି ବେହେରାଙ୍କ ସମେତ ଲିଜ ସମୟରେ ଷୋଳଭାଇ କୈବର୍ତ୍ତ ସଭାର ସଭାପତି ଗୋବିନ୍ଦ ଚନ୍ଦ୍ର ତରାଇ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦକ ବିଭୂପ୍ରସାଦ ତରାଇ, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ପ୍ରକାଶ ବେହେରା, ନରେନ୍ଦ୍ର ପରିଡ଼ା, ଦୁର୍ଗାଚରଣ ରାଉତ, ବାଜ ମାଝୀ, ହରେକୃଷ୍ଣ ସାମଲ, ସୁରେନ୍ଦ୍ର ତରାଇ, ପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଅନଏମ୍ପ୍ଲୟଡ଼ ଇଞ୍ଜିନିୟର୍ସ ସଂଘ ବୈଠକ

**ରାହାମା,୮।୯(ଡି.ଏନ.ଏ.):** ରାହାମାସ୍ଥିତ ସ୍ୱାଧୀନ ଗେଷ୍ଟ ହାଉସରେ ରବିବାର ପାରାଦୀପ ଅନ୍‌ଏମ୍ପ୍ଲୟଡ ୟୁଥ୍ ଇଞ୍ଜିନିୟର୍ସ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପସଭାପତି ସୟଦ୍ ଅଫ୍‌ଜଲ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଗାମି ଦିନରେ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାରେ ଯେପରି ବେକାର ଯୁବ ଇଞ୍ଜିନିୟର୍ସ, ଆଇଟିଆଇ ଟ୍ରେଡ୍ ପିଲାମାନେ ନିଯୁକ୍ତି ପାଇବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ସଂଘକୁ ମଝବୁତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ କହିଥିଲେ। ସଭାପତି ଗୌତମ ମିଶ୍ର, ସମ୍ପାଦକ ମନୋଜ କୁମାର ନାୟକ, ମନୋରଞ୍ଜନ ବେହେରା, ସାରଦା ଦାସ, ହେମନ୍ତ ସାହୁ ଓ ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ କରାଇବା ଘଟଣାରେ ମିଳୁନି ନ୍ୟାୟ

### ଏନ୍ଏଚ୍ଆର୍ସିରେ ସାମାଜିକ କର୍ମୀଙ୍କ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୮।୯:ସଦର ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ୬ମାସର ଗର୍ଭବତୀ କରାଯାଇଛି। ଏଥିରେ ସେହି ଥାନାର ଜଣେ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବାରୁ ଥାନାରେ ମାମଲା ରୁଜୁ କରାଯାଉନାହିଁ। ଅଭିଯୁକ୍ତ ଫେରାର ଥିବା ଦର୍ଶାଇ ପୋଲିସ ଘଟଣାକୁ ଏଡାଇ ଦେଉଛି। ଶନିବାର ଏଭଳି ଅଭିଯୋଗ କରି ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ଭିତ୍ତି କରି କମିଶନ ପକ୍ଷରୁ ମାମଲା (ନଂ.୧୦୭୪୫/ ଆଇଏନ/ ୧୯)ରୁଜୁ ହୋଇଛି।

### ଗାନ୍ଧୀଜୟନ୍ତୀ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା ଅଫିସ, ୮।୯:ଆସନ୍ତା ଅକ୍ଟୋବରରେ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହିତ କେନ୍ଦ୍ରାପଡ଼ା ଜିଲାର ବାଲିଆ, ଦୁହୁରିଆ, ତିନିମୁହାଣି, ଗରାପୁର, ବାରିମୂଳରେ ଗାନ୍ଧି ପଦଯାତ୍ରାର ସ୍ମୃତିସ୍ଥଳ ଉନ୍ନତୀକରଣ ହେବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି ଗାନ୍ଧିଜୀଙ୍କ ଆଦର୍ଶ ଉପରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଜିଲା ପ୍ରଶାସନ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ସ୍ମୃତିସଭା

ଡେରାବିଶ, ୮।୯ (ସ୍ୱ.ପ୍ର.):କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତର ସାମାଜିକ କର୍ମୀ ସାବିତ୍ରୀ ଲେଙ୍କାଙ୍କ ବିୟୋଗରେ ଶନିବାର ବାଲିଆସ୍ଥିତ କୃଷ୍ଣଚେତନା ପରିଷଦ ଆନୁକୂଲ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଇଂ. କାର୍ତ୍ତିକ ଚନ୍ଦ୍ର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ପଣ୍ଡିତ ହୃଷୀକେଶ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏବର ଯୁବପିଢ଼ି ଗୁରୁଜନମାନଙ୍କ ସେବା ପ୍ରତି ଅଙ୍ଗୀକାରବଦ୍ଧ ହେବା ପାଇଁ ଉପଦେଶ ଦେଇଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ବେହେରା, ପୂର୍ବତନ ସରପଞ୍ଚ ଅପର୍ଣ୍ଣା ମିଶ୍ର, ହୃଦାନନ୍ଦ ଲେଙ୍କା, ରାଜକିଶୋର ଲେଙ୍କା, ଶରତ କୁମାର ସ୍ୱାଇଁ, ରାଜକିଶୋର ଜେନା, ଜଗଦିଶ ସାହୁ, ନଟବର ଭଦ୍ର, ପ୍ରଦୀପ ବରାଳ, ଦୁର୍ଲ୍ଲଭ ସ୍ୱାଇଁ, ସୁନାମଣି ସାହୁ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ।

### ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୪ ତମ ପ୍ରତିଷ୍ଠା ଦିବସ

ରାଜକନିକା,୮।୯(ଡି.ଏନ୍.ଏ.): ବ୍ୟାଙ୍କ ଅଫ ଇଣ୍ଡିଆର ୧୧୪ ତମ ପ୍ରତିଷ୍ଠା ଦିବସ ରାଜକନିକା ବ୍ଲକ କଣ୍ଡିଆହାଟସ୍ଥିତ ଶାଖା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଅନନ୍ତ ଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାମଲ, ସାମାଜିକକର୍ମୀ ଶିବରାମ ଦାସ, ହାଟସାହି ହାଇସ୍କୁଲର ସହକାରୀ ଶିକ୍ଷକ ନିରଞ୍ଜନ ବେହେରା ଓ ଶିକ୍ଷକ ଅନ୍ନଦା ପ୍ରସାଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଜାତୀୟ କରଣ ବ୍ୟାଙ୍କ କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳରେ ଶାଖା ଖୋଲି ଦୀର୍ଘ ବର୍ଷ ହେବ ସେବା ଯୋଗାଇ ଆସୁଛି। ମହିଳା ସଶକ୍ତୀକରଣ, କୃଷି ଓ କୃଷକର ବିକାଶ ତଥା ଦେଶ ଏବଂ ଜାତିର ବିକାଶରେ ଏହି ବ୍ୟାଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସହକାରୀ ବ୍ୟାଙ୍କ ପରିଚାଳକ ପ୍ରତାପ ଚନ୍ଦ୍ର ଦାସ ବ୍ୟାଙ୍କର ଉନ୍ନତିରେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ଶେଷରେ ସହକାରୀ ପରିଚାଳକ ଶୁଭ୍ରାଂଶୁ ନାୟକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ବ୍ୟାଙ୍କର କର୍ମଚାରୀ ଦେବବଲ୍ଲଭ କର, ମନସ୍ୱିନୀ ନାୟକ ଓ ରତ୍ନାକର ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ■ଜିଲା ପ୍ରଶାସନର ଅଭିନବ ପ୍ରୟାସ

# ଚିହ୍ନଟ ହେବେ ପାଣି ପାଇପ ମିସ୍ତ୍ରି

- ■ ୮୦ ହଜାରରୁ ଊର୍ଦ୍ଧ୍ୱ ପାଣି ପାଇପ ମିସ୍ତ୍ରି ରହିଛନ୍ତି
- ■ ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
- ■ ଡାଟାବେସ ପ୍ରସ୍ତୁତ ପରେ ଦିଆଯିବ ଟୋଲ ଫ୍ରି ନମ୍ବର

କେନ୍ଦ୍ରାପଡା ଅଫିସ, ୮।୯

ଦେଶବିଦେଶରେ କାମ କରୁଥିବା କେନ୍ଦ୍ରାପଡା ଜିଲାର ପାଣି ପାଇପ ମିସ୍ତ୍ରିଙ୍କ ଚିହ୍ନଟୀକରଣ ପ୍ରକ୍ରିୟା ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ଏନେଇ ଜିଲାପାଳ ସମର୍ଥ ବର୍ମାଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲା ଶ୍ରମ ବିଭାଗ, ପଞ୍ଚାୟତ ଓ ଏନ୍ଜିଓ ମାଧ୍ୟମରେ ଏହି କାରିଗରଙ୍କ ପରିଚୟ ସଂଗ୍ରହ କରାଯିବ । ଏଥିସହ ପ୍ରତି ଶ୍ରମିକଙ୍କୁ ଜିଲା ପ୍ରଶାସନ ସହ ଯୋଗାଯୋଗ ରଖିବାକୁ ଏକ ଟୋଲ ଫ୍ରି ନମ୍ବର ମଧ ଦିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପାଣିପାଇପ ମିସ୍ତ୍ରିଙ୍କ ପ୍ରସଙ୍ଗରେ କେନ୍ଦ୍ରାପଡ଼ା ଜିଲା ଆଗୁଆ । ଗତ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ବିଷୟରେ ଉଲ୍ଲେଖ କରିଥିଲେ । ତେବେ ଜିଲାର କର୍ମକୁଶଳୀଙ୍କ ସଂଖ୍ୟା ଓ ପରିଚୟ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ କୌଣସି ତଥ୍ୟ ନାହିଁ । ଦେଶ ବିଦେଶରେ କାର୍ଯ୍ୟ କରିବା ସମୟରେ ନିର୍ଯାତନାର ଶିକାର ହେଉଥିବା ଘଟଣା ଲୋକଲୋଚନକୁ ଆସିବା ପରେ ସେଠାରୁ ଫେରାଇ ଆଣିବା କଷ୍ଟକର ହୋଇପଡ଼େ।

ଏସମ୍ପର୍କରେ ବର୍ମା କୁହନ୍ତି, ଜିଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଓ ରାଜକନିକା ବ୍ଲକରେ ୮୦ ହଜାରରୁ ଊର୍ଦ୍ଧ୍ୱ ପାଣି ପାଇପ ମିସ୍ତ୍ରି ରହିଛନ୍ତି। ସେମାନେ ଦେଶ ଓ ବିଦେଶରେ ରହି ଏହି କାର୍ଯ୍ୟ କରୁଥିବା ପ୍ରାଥମିକ ସୂଚନା ମିଳିଛି। ତେବେ ସେମାନଙ୍କ ପରିଚୟ ଓ କାର୍ଯ୍ୟସ୍ଥଳୀର ସୂଚନା ଜିଲା ପ୍ରଶାସନ ନିକଟରେ ରହୁ ନ ଥିବାରୁ ବିଭିନ୍ନ ଆପାଦକାଳୀନ ସ୍ଥିତି ସମୟରେ ସେମାନଙ୍କ ସହ ଯୋଗାଯୋଗ କରିହେଉନାହିଁ । ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥି, ଠିକାଦାର, ବିଲଡ଼ରଙ୍କ ଜରିଆରେ ପାଣିପାଇପ୍ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ମାତ୍ର ବହୁ ସମୟରେ ସେମାନେ ନିର୍ଯାତନାର ଶିକାର ହେଉଥିବା ଖବର ନଜରକୁ ଆସିଥାଏ। ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ରହିଥିବାବେଳେ ତଥ୍ୟ ଅଭାବରୁ ଯୋଗାଯୋଗ ହୋଇପାରି ନ ଥାଏ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାହାପଡ଼ାଠାରେ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜି (ଏସଆଇପିଟି)ରେ ପୁରାତନ ଓ ନୂତନ ମିସ୍ତ୍ରିଙ୍କ ପରିଚୟ ସବୁ ମଗାଯାଇଛି । କାରିଗରଙ୍କ ଡାଟାବେସ ପ୍ରସ୍ତୁତ ହେବା ପରେ ଟୋଲ ଫ୍ରି ନମ୍ବର ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଜିଲାପାଳଙ୍କ ଏହି ଉଦ୍ୟମ ଜିଲାର ବହୁ ଦାଦନ ଶ୍ରମିକଙ୍କ ପାଇଁ ବରଦାନ ସଦୃଶ ହେବ। ଜିଲାର ଏହି କୁଶଳୀ କାରିଗରମାନେ ଦିଲ୍ଲୀ, କଲିକତା ଭଳି ସହରାଞ୍ଚଳ ଛଡା ବିଦେଶରେ ମଧ କାର୍ଯ୍ୟକରି ନିଜର ପ୍ରତିଭାର ପରିଚୟ ଦେଇପାରିଛନ୍ତି। ତେବେ କ୍ଷୋଭର ବିଷୟ, ଦେଶ ବିଦେଶରେ ରହୁଥିବା ଏହି କାରିଗରମାନେ ଖୁବ୍ କମ୍ ରୋଜଗାର କରିଥାନ୍ତି। ସେମାନେ ବହୁ ସମୟରେ ଭିସା, ପାସପୋର୍ଟ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ନିର୍ଯାତନା ଶିକାର ହୋଇଥିବା ଘଟଣା ବହୁ ସମୟରେ ପଦାକୁ ଆସିଥାଏ। ପୂର୍ବରୁ ବୈଷୟିକ ଜ୍ଞାନ କୌଶଳର ସାର୍ଟିଫିକେଟ ସମସ୍ୟା ଥିବାବେଳେ ପଟ୍ଟାମୁଣ୍ଡାଇ ପ୍ଲମ୍ବିଂ ଇନଷ୍ଟିଚ୍ୟୁଟ କାର୍ଯ୍ୟକାରୀ ହେବାପରେ ଯୁବବର୍ଗଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି । ଏସମ୍ପର୍କରେ ଶ୍ରମିକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ପାଣି ପାଇପ ମିସ୍ତ୍ରିଙ୍କ ଚିହ୍ନଟ ପରେ କୁଶଳୀ କାରିଗର ଭାବେ ଜିଲା ଶ୍ରମ ବିଭାଗରେ ନିଜର ନାମ ପଞ୍ଜୀକରଣ କରିପାରିବେ । ଫଳରେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରିବ।

## ଗୁଲନଗରରେ ଗଣେଶ ମେଳଣ ଉତ୍ସବ



ମେଳଣରେ ସାମିଲ ହୋଇଥିବା ଗଣେଶ ମେଢ଼।

କେନ୍ଦ୍ରାପଡା ଅଫିସ, ୮।୯

କେନ୍ଦ୍ରାପଡା ବ୍ଲକ ଗୁଲନଗର ପଞ୍ଚାୟତରେ ଗଣେଶ ମେଳଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୭ ମଣ୍ଡପର ଶ୍ରୀ ଗଣେଶଙ୍କ ମୃଣ୍ମୟ ପ୍ରତିମା ସାମିଲ ହେବା ସହ ଏକତ୍ର ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ୧୦ଟାରେ ମେଳଣ ପଡ଼ିଆକୁ ଶ୍ରୀଦେବଙ୍କ ପ୍ରତିମା ସମୂହ ଶୋଭାଯାତ୍ରାରେ ଆସି ଅପରାହ୍ନ ୨ଟା ବେଳେ ସମବେତ ହୋଇଥିଲେ। ମେଳଣ ପଡ଼ିଆରୁ କ୍ରମାନ୍ୱୟରେ ପ୍ରଥମେ ଥାନପତି ଜୟଦୁର୍ଗା କ୍ଲବ ଆସ୍ଥାନ ଛାଡ଼ି ଶୋଭାଯାତ୍ରାରେ ବିସର୍ଜନ ଘାଟକୁ ଯାଇଥିଲେ । ପରେ ଗୁଲନଗରର ଗୋବିନ୍ଦଜୀଉ କ୍ଲବ, ଡିପୁଛକର ହେଙ୍କଡ କ୍ଲବ, ସୁଜାନଗର ମଦନ ମୋହନ ଓ ମା' ଲକ୍ଷ୍ମୀ କ୍ଲବ, ଗୁଲନଗର କଚେରି ଛକର ପତିତପାବନ କ୍ଲବ ଏବଂ ଗୁଲନଗର କୁମାର ସାହିର ତ୍ରିନାଥ କ୍ଲବ ମେଢ଼ କ୍ରମାନ୍ୱୟରେ ବିସର୍ଜନ ଘାଟକୁ ଯାଇଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ପୀତବାସ ବେହେରା, ସୁଜାତା ସାହୁ, ରବୀନ୍ଦ୍ରନାଥ ରଥ, ଅନନ୍ତଚରଣ ସାହୁ, କୁଳମଣି ନାୟକ ଓ ଭାଗୀରଥି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ■ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ

# ସଦାଚାର ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର

କେନ୍ଦ୍ରାପଡା ଅଫିସ, ୮।୯

ଧର୍ମ, ସତ୍ୟ, ସତ୍କର୍ମ, ଶକ୍ତି ଓ ସମୃଦ୍ଧି ଏସବୁ ସଦାଚାରରୁ ହିଁ ଉତ୍ପନ୍ନ ହୁଅନ୍ତି ବୋଲି ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବରେ ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ରବିବାର ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ନିକଟ ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ପକ୍ଷରୁ ପୂର୍ବାହ୍ନରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଶ୍ରମ ଅଧକ୍ଷ ଶ୍ରୀମା ଦିବ୍ୟ ସ୍ୱରୂପ ଚୈତନ୍ୟ ଏଥିରେ ଯୋଗଦେଇ କହିଥିଲେଯେ, ସଦାଚାର ହେଉଛି ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର । ଏହା ମନୁଷ୍ୟର ସମ୍ମାନ ବୃଦ୍ଧି କରିବା ସହ ଆୟୁ ବୃଦ୍ଧି କରେ । ଏହି ପରି ଅନେକ ତତ୍ତ୍ୱକୁ ବୁଝିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀ ନିଜର କର୍ମମୟ ଡାକ୍ତରୀ ଜୀବନ ଛାଡ଼ି ମାଲେସିଆରୁ ଭାରତକୁ ଫେରି ଆସିଥିଲେ । ଗୁରୁଜୀଙ୍କ ଜନ୍ମ ତାମିଲନାଡୁର ପଟ୍ଟାମଡ଼ାଇ ଗ୍ରାମରେ ୧୮୮୭ ମସିହାରେ ହୋଇଥିଲା । ତେବେ ତୁଳସୀ ଦୁଇ ପତ୍ରରୁ ବାସିବା ପରି ଅତି ସାନ ବୟସରୁ ସଂସାରର ବିବିଧତା ଓ ବର୍ତ୍ତୁଳ ଦୁନିଆ ସମ୍ପର୍କରେ ଅହରହ ଚିନ୍ତା କରୁଥିଲେ । ପିଲାବେଳେ କୁପୁସ୍ୱାମୀ ନାମ ପାଇଥିବା ଗୁରୁଜୀ ଡାକ୍ତରୀ ବିଦ୍ୟା ହାସଲ କରି ମାଲେସିଆରେ କର୍ମରତ ଥିଲେ । ତେବେ ଏଥିରେ ସେ ସନ୍ତୁଷ୍ଟି ନ ପାଇ ହିମାଳୟରେ ତପସ୍ୟା କରିବା ପାଇଁ ଚାଲି ଆସିଥିଲେ । ତାଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପରିସରରେ ଦିନସାରା ଭଜନ କୀର୍ତ୍ତନ ହୋଇଥିଲା । ସକାଳ ୯ଟାରେ ନଗର ପରିକ୍ରମା ହୋଇଥିଲା । ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଗୁରୁଜୀଙ୍କ ପାଦପୂଜା ହୋଇଥିଲା । ପରେ ତାଙ୍କ ସମ୍ପର୍କରେ ଆଶ୍ରମ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ନାୟକ, ଗୋପବନ୍ଧୁ ନାଥ ଓ ଶ୍ରୀଧର ରାଉତ ପ୍ରମୁଖ ଆଲୋକପାତ କରିଥିଲେ । ଏହି ଅବସରରେ ଆଶ୍ରମ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଉତ୍ସବକୁ ବ୍ରହ୍ମଚାରୀ ନୃସିଂହ ଦାସ ଓ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।



ଆଶ୍ରମରେ ଶ୍ରୀମା ଦିବ୍ୟ ସ୍ୱରୂପ ଚୈତନ୍ୟ ପୂଜା କରୁଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ, ୮।୯ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଖାସାପଡିଆ ଗ୍ରାମର ଶାରଦା ପ୍ରସାଦ ନାୟକ(୩୬)ଙ୍କ ମୃତଦେହ ରବିବାର ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ନେଇ ଶାରଦାଙ୍କ ସ୍ତ୍ରୀ ସୁଜାତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ଶାରଦା ଶନିବାର ରାତିରେ ଗଣେଶ ଭସାଣି ଦେଖିବାକୁ କହି ଘରୁ ବାହାରି ଯାଇଥିଲେ। ମାତ୍ର ରାତିରେ ଘରକୁ ଫେରି ନ ଥିଲେ। ସକାଳୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ପରିବାର ଲୋକେ ଖବରପାଇ ମେଡିକାଲକୁ ନେଇଥିଲେ ବୋଲି ସୁଜାତା ଏତଲାରେ ଦର୍ଶାଇଛନ୍ତି।

## ଏକାଗ୍ରତା ଭାବ ସଫଳତା ଦେଇଥାଏ





ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

ଡେରାବିଶ, ୮।୯ (ସ୍ୱ.ପ୍ର.)

ଏକାଗ୍ରତା ଓ ନିଷ୍ଠା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବା ସହ ସଫଳତା ହାସଲ ଦିଗରେ ସାହାଯ୍ୟ କରିଥାଏ। ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତସ୍ଥିତ ରମାଦେବୀ ଓମ୍ ଶାନ୍ତି ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆୟୋଜିତ ସ୍ୱାଗତ ସମାରୋହରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳରେ ଆୟୋଜିତ ସମାରୋହରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ରାଜେନ୍ଦ୍ର ନାରାୟଣ ତ୍ରିପାଠୀ ମୁଖ୍ୟଅତିଥି ଓ ପରିବେଶବିତ୍ ହେମନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ପ୍ରଭାସ କୁମାର ଧଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ପଟ୍ଟାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶ, ଆଇନମହାବିଦ୍ୟାଳୟ ଅଧକ୍ଷ ନରହରି ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପଥ ପ୍ରଦର୍ଶନ କରାଇଥିଲେ। ଏହି ସମାରୋହରେ ନବାଗତ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷକ ନିରଞ୍ଜନ ଦାସ ସମ୍ବର୍ଦ୍ଧିତ

ଡେରାବିଶ, ୮।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠର ସହକାରୀ ଶିକ୍ଷକ ନିରଞ୍ଜନ ଦାସଙ୍କୁ ଗୁରୁ ଦିବସ ଅବସରରେ ଗୁରୁବାର ୟୁଟିଆ (ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଉତ୍କଳ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ରାଜ୍ୟ ସଭାପତି ବିକ୍ରମ କେଶରୀ ବର୍ମା ଅଧକ୍ଷତା କରିଥିଲେ। ଏଥିରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶିକ୍ଷକ ଦାସଙ୍କୁ ସମ୍ମାନିତ କରିଥିଲେ। ଏହା ଜଣାପଡ଼ିବା ପରେ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



ନିରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଏଲଆଇସିର ବୀମା ସପ୍ତାହ ଉଦ୍ଯାପିତ

କେନ୍ଦ୍ରାପଡା ଅଫିସ, ୮।୯

ଭାରତୀୟ ଜୀବନ ବୀମା ନିଗମର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ୬୩ତମ ଜନ୍ମ ବାର୍ଷିକୀ ଏବଂ ବୀମା ସପ୍ତାହ ପାଳନ ଉତ୍ସବ ଶନିବାର ଉଦ୍ଯାପିତ ହୋଇଯାଇଛି। ଶାଖା ପରିଚାଳକ ଚକ୍ରଧର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ପ୍ରବନ୍ଧକ ସୁବୋଧ ଆଚାର୍ଯ୍ୟ, ଶାଖା ପରିଚାଳକ କଲ୍ୟାଣ ଦାସ, ସହକାରୀ ଶାଖା ପରିଚାଳକ ଜ୍ୟୋତିରଞ୍ଜନ ହେମ୍ବ୍ରମ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ଜୀବନ ବୀମା ଆବଶ୍ୟକତା ବୋଲି ଆହ୍ୱାନ ଦେଇଥିଲେ।

## ଗୋବିନ୍ଦପୁର ପୋଲିସ ବିଟ୍ ହାଉସ ପୁନଃ କାର୍ଯ୍ୟକ୍ଷମ ଦାବି

ଆଳି, ୮।୯ (ଡି.ଏନ୍.ଏ.)

ଆଳି ସଦର ମହକୁମାଠାରୁ ୨୫ କିଲୋମିଟର ଦୂରରେ ଥିବା ଧୋୟାଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସୁଧାରିବା ସହ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଗୋବିନ୍ଦପୁରଠାରେ ଏକ ପୋଲିସ୍ ବିଟ୍ ହାଉସ୍ ନିର୍ମାଣ ପାଇଁ ଦାବି ହେଉଛି। ଆଳି ଥାନାଠାରୁ ଏହି ଅଞ୍ଚଳ ବହୁତ ଦୂର ହେଉଥିବାରୁ ଅନେକ ସମୟରେ ଅଘଟଣ ଘଟି ସାରିବା ପରେ ପୋଲିସ ସେଠାରେ ପହଞ୍ଚୁଛି। ସଦର ମହକୁମାରେ ଘଟୁଥିବା ଚୋରି, ଡକାୟତି, ଛିନ୍ତାଇ ଆଦି ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କ ଟେର ପାଇପାରୁ ନଥିବା ବେଳେ ଧୋୟାଞ୍ଚଳବାସୀ କିପରି ନ୍ୟାୟ ପାଇବେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କର୍ମଚାରୀ ଅଭାବ ଆଳ ଦେଖାଇ ପୋଲିସ ହାତବାନ୍ଧି ବସିଯାଉଛି। ତେଣୁ ଧୋୟାଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ତୁରନ୍ତ ଗୋବିନ୍ଦପୁର ବିଟ୍ ହାଉସ ଚାଲୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୦ରେ ଗୋବିନ୍ଦପୁରଠାରେ ପୋଲିସ ବିଟ ହାଉସ ଖୋଲାଯାଇଥିଲା। ଫଳରେ ଦେସାହି, ପାଳିମି, କେନ୍ତୁଆପାଳ, ଗୋବିନ୍ଦପୁର, ଏରଡଙ୍ଗ, ପେଡପଡା, ଜୁଆଣିଆ, ସଂସିଧା, ଡିମିରିପାଳ, ଅରଗଳ, ପଦନିପାଳ ଆଦି ପଞ୍ଚାୟତବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ଦେଖାଦେଇଥିଲା। ମାତ୍ର ୨ ବର୍ଷ କାର୍ଯ୍ୟକ୍ଷମ ହେବାପରେ ବିଟ୍ ହଉସ୍ ବନ୍ଦ ହୋଇଯିବା ସହ କାର୍ଯ୍ୟରତ ଜଣେ ଏଏସ୍ଆଇ ଓ ୨ କନଷ୍ଟେବଲଙ୍କୁ ସେଠାରୁ ପ୍ରତ୍ୟାହାର କରିନିଆଯିବା ପରେ ସ୍ଥାନୀୟ ଲୋକେ ପୁଣି ଆଳି ଥାନା ଉପରେ ନିର୍ଭର କରିବାକୁ ପଡୁଛି।

## ୭ମ ବାର୍ଷିକ ଗୁରୁ ସମ୍ବର୍ଦ୍ଧନା ଉତ୍ସବ





ବିଧାୟକ ଅତନୁ ସବ୍ୟସାଚୀ ନାୟକ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ମହାକାଳପଡା, ୮।୯ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ କିଆରବାଡ଼ିସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ପୂଜ୍ୟପୂଜା ପରିଷଦ ମାର୍ଶାଘାଇ ଓ ଗୁରୁପୂଜା ପରିଷଦ ମହାକାଳପଡ଼ା ମିଳିତ ଆନୁକୂଲ୍ୟରେ ୭ମ ବାର୍ଷିକ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟେଜିତ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩୬ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ୫ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାୟାବାବା କଲେଜ ଅଧକ୍ଷ ଡା. ସୁଧାଂଶୁ କୁମାର ଦ୍ୱିବେଦୀ ମୁଖ୍ୟବକ୍ତା, ସମ୍ମାନନୀୟ ଅତିଥି ଭାବେ ମାର୍ଶାଘାଇ କଲେଜ ଅଧକ୍ଷ ଡା. ଅମିୟ କୁମାର ଜେନା, ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡା, ମାର୍ଶାଘାଇ ବ୍ଲକ ଅଧକ୍ଷା ସୀତାଲତା ପରିଡ଼ା, ମହାକାଳପଡ଼ା ବ୍ଲକ ଅଧକ୍ଷ ସସ୍ମିତା ବରାଳ, ଅଧ୍ୟାପକ ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଜୟଚନ୍ଦ୍ର ଜେନା, ଗରୁଡ଼ ଚନ୍ଦ୍ର ପରିଡା, ଚନ୍ଦ୍ରମଣି ସାହୁ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଗରଦପୁର ପଞ୍ଚାୟତ ସମିତି ବୈଠକ

# କୃଷି, କୃଷକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ

ପାଟକୁରା, ୮।୯ (ଡି.ଏନ୍.ଏ.)

ଗରଦପୁର ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ, ଅରୁଣ ଜେଟଲୀ ଓ ପାଟକୁରା ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାଳିଆ ଯୋଜନାରେ ସାମିଲ ହୋଇଥିବା କେତେଜଣ ଚାଷୀ ସହାୟତା ପାଇଛନ୍ତି ଓ କେତେଜଣ ସହାୟତା ପାଇବେ ସେ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି ସୂଚନା ଦେଇ ନ ପାରିବାରୁ ଗୃହରେ ଅସନ୍ତୋଷ ଦେଖାଦେଇଥିଲା। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା କରାଯାଇଥିବା ଭାରପ୍ରାପ୍ତ ଡାକ୍ତର ହିମାଂଶୁ ଭୂଷଣ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ମାତ୍ର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଡାକ୍ତର ପଦବୀ ସହ ଅନ୍ୟ ପଦବୀଗୁଡ଼ିକ ପୁରଣ କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନରଡ଼ାଠାରୁ ସରଟୋଲା ଆମ୍ବେରୀ ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଅଧକ୍ଷା ସେଠୀ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋରୁଆ ଡାକ୍ତରଖାନାରେ ଏକ ସଭାଗୃହ ନିର୍ମାଣ ପାଇଁ ଜିଲାପରିଷଦ ସଦସ୍ୟା ସୁଜାତା ରାଉତରାୟ ଦାବି କରିଥିଲେ। ସେହିପରି ଗମନାଗମନ, ମିଶନ ଶକ୍ତି, ଶିକ୍ଷା, ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲାପରିଷଦ ସଭ୍ୟ ସନ୍ତୋଷ ଜେନା, ଅହଲ୍ୟା ଲେଙ୍କା, ସୁଜାତା ରାଉତରାୟ, ସରପଞ୍ଚ ଅନୁଜ ମହାନ୍ତି, ପ୍ରକାଶ ସାହୁ, ଅରୁଣ ନାୟକ, ଗୋକୁଳାନନ୍ଦ ବେହେରା, ସୂର୍ଯ୍ୟମଣି ସେଠୀ, ସ୍ୱର୍ଣ୍ଣପ୍ରଭା ରାଉତ, ସମିତିସଭ୍ୟ ମମତା ମଲିକ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ସଞ୍ଜୟ ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ବିଡିଓ ଧରଣୀଧର ବେହେରା ବୈଠକ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ଦାସ, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।





ବୈଠକରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

## ସଂକ୍ଷେପରେ

### ଆର୍‌ପିଡିଏସ୍ ବୈଠକ ନେଇ ଦାବି

**କଳିଙ୍ଗନଗର,୮।୯(ଡି.ଏନ୍.ଏ.):** କଳିଙ୍ଗନଗରରେ କାରଖାନା ଗଢିଉଠିବା ପରେ ବିସ୍ଥାପିତ ହେଉଥିବା ପରିବାରଙ୍କ ସମସ୍ୟା ସମାଧାନ ତଥା ଉନ୍ନତି ଦିଗରେ ସରକାର ରୁରାଲ ପେରିଫେରିଆଲ୍ ଡେଭ୍‌ଲପ୍‌ମେଣ୍ଟ ଆଡ୍‌ଭାଇଜରି କମିଟି (ଆର୍‌ପିଡିଏସ୍) ଗଠନ କରିଥିଲେ। ଏହି ଆର୍‌ପିଡିଏସ୍‌ର ବୈଠକ ପ୍ରତ୍ୟେକ ୩ ମାସରେ ଥରେ ବସିବାର ନିୟମ ରହିଥିଲେ ମଧ ତାହା କରାଯାଉ ନାହିଁ। ଅପରପକ୍ଷେ ୩ ବର୍ଷ ତଳେ ବସିଥିବା ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନାହିଁ। ଏ ନେଇ ବହୁବାର ପ୍ରତିବାଦ ଏବଂ ଦାବି କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବାରୁ ବାଧ ହୋଇ ବିସ୍ଥାପିତମାନେ ଗଣମାଧମର ସହଯୋଗ ଲୋଡିଛନ୍ତି। ଏ ନେଇ ରବିବାର ଜିଲାପ୍ରଶାସନକୁ ୫ ଦଫା ଦାବି ପୁରଣ ନିମନ୍ତେ ଏକ ପ୍ରେସ୍ ଇସ୍ତିହାର ଗଣମାଧମ ଜରିଆରେ ଜଣାଇଛନ୍ତି। ଦାବିଗୁଡିକ ମଧ୍ୟରୁ ବିସ୍ଥାପିତ ଏବଂ ଥଇଥାନ ଅନୁଯାୟୀ ୧୮ବର୍ଷ ହୋଇଥିବା ବ୍ୟକ୍ତିଙ୍କୁ ଏକ ଅଲଗା ପରିବାର ଘୋଷଣା, ସାରଙ୍ଗପୁର, ବାରଗାଡ଼ିଆ ହରିଜନ ସାହି, କୁଡୁମି, ଟାଙ୍ଗର ସାହି, କଚେରି ଗ୍ରାମ, ଅରାସାହି ଗ୍ରାମକୁ ବିସ୍ଥାପିତ, କାରଖାନାରେ ମୃତ୍ୟୁବରଣ କରିଥିବା ବିସ୍ଥାପିତ ପରିବାରରୁ ଜଣଙ୍କୁ ଚାକିରୀ, କଲୋନିକୁ ମୌଳିକ ସୁବିଧା, ଜିଲାପାଳଙ୍କ ଦ୍ୱାରା କାର୍ଡ ପାଇଥିବା ବିସ୍ଥାପିତ ପରିବାରକୁ ନିଯୁକ୍ତି ଆଦି ଦାବି ଉଲ୍ଲେଖ ରହିଛି।

### ନିଶାସକ୍ତ ଟ୍ରକ୍ ଡ୍ରାଇଭର କୋର୍ଟ ଚାଲାଣ

**ଯାଜପୁର ରୋଡ,୮।୯(ନି.ପ୍ର.):** ପାଣିକୋଇଲି ଟୋଲ ପ୍ଲାଜା ନିକଟରେ ଶନିବାର ରାତିରେ ଯାଞ୍ଚବେଳେ ପୋଲିସ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ବନ୍ଧ ଗ୍ରାମର ଅକ୍ଷୟ ପାତ୍ରଙ୍କୁ(୨୮) ମଦ୍ୟପାନ କରି ଟ୍ରକ୍ ଚଳାଉଥିବା ଅଭିଯୋଗରେ ଗିରଫ କରିଥିଲା। ଏ ନେଇ ରବିବାର ପୋଲିସ ଏକ ମାମଲା ରୁଜୁକରି ତାଙ୍କୁ କୋର୍ଟ ଚାଲଣ କରିଥିବା ଜଣାପଡିଛି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଦଶରଥପୁର,୮।୯ (ଡିଏନ୍‌ଏ):** ମଙ୍ଗଳପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ଗତ ୩୧ ତାରିଖରେ ଅବସର ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁଦିବସ ଦିନ ବିଦ୍ୟାଳୟଠାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରୁ ଛାତ୍ରୀଛାତ୍ରମାନେ ଗୁରୁପୂଜା, ଗୁରୁ ବନ୍ଦନା କରିଥିବାବେଳେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଶିକ୍ଷାବିତ୍ ଅନାମ ଚରଣ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ରାମବାଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦେବତା, ଦାଶରଥୀ ନାୟକ, ବିଜୟ କିଶୋର ସାମଲ, ବଂଶୀଧର ଦାସ, ହରମୋହନ ମହାନ୍ତି, ନିରଞ୍ଜନ କର, ଅଶୋକ କୁମାର ପୃଷ୍ଟି, ଶରତ କୁମାର ଦ୍ୱିବେଦୀ, କଲ୍ଲୋଳିନୀ ରାୟ, ଶୈଳବାସିନୀ ନାୟକ, ପୁଷ୍ପଲତା ରାୟ, ଗୋଲେକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ବାଇକ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କାଳିଆପାଣି,୮।୯(ଡି.ଏନ୍.ଏ.):** କାଳିଆପାଣି ଖଣି ଅଞ୍ଚଳ ଟମକା-ମଙ୍ଗଳପୁର ରାସ୍ତାରେ ଗୁରୁବାର ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ କାଙ୍କଡ଼ପାଳ ପଞ୍ଚାୟତ କାଟେଣୀ ଗ୍ରାମର ଦିବାକର ମୁଣ୍ଡା। ଦିବାକର ଇଙ୍ଗ୍ରା ଖଣିରେ ଶ୍ରମିକ ଭାବେ କାମ କରୁଥିଲେ। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଦିବାକର ଟମକା ମଙ୍ଗଳପୁର ଏକ ନମ୍ବର ଛକଠାରେ ଭାରସାମ୍ୟ ହରାଇ ପୋଲରେ ମାଡ଼ହୋଇ ତଳକୁ ଛିଟିକି ପଡ଼ିଥିଲେ। କାଳିଆପାଣି ପୋଲିସ ଖବର ପାଇ ପହଞ୍ଚି ଦିବାକରଙ୍କୁ ଉଦ୍ଧାର କରି । ସ୍ଥାନୀୟ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ବୋଲି ଘୋଷଣା କରିଥିଲେ।

# ପଲିଥିନମୟ ଯାଜପୁର ସହର, କମୁନି ବ୍ୟବହାର

**ଯାଜପୁର ଟାଉନ,୮।୯(ଡ଼ିଏନଏ)**

ଯାଜପୁର ସହରକୁ ପଲିଥିନ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ସହରବାସୀଙ୍କୁ ସଚେତନ କରାଯାଉଛି। ଏହାସତ୍ତ୍ୱେ ତାହା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ପଲିଥିନର ବହୁଳ ବ୍ୟବହାର ଯୋଗୁ ସାରା ସହର ଏବେ ପଲିଥିନ୍‌ମୟ। ଅଳ୍ପ ବର୍ଷାରେ ସହରର ସମସ୍ତ ଡ୍ରେନ୍ ଜାମ୍ ହୋଇ ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅସରାଏ ବର୍ଷାରେ ସହରରେ ଆଣ୍ଠୁଏ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ସାଧାରଣ ପରିବା ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ଶୋ'ରୁମ୍‌ରେ ପଲିଥିନ ବ୍ୟାଗ ବ୍ୟାପକ ବ୍ୟବହାର କରାଯାଉଛି। ପ୍ରତ୍ୟେକ ଦିନ ବସ୍ତା ବସ୍ତା ପଲିଥିନ ରାସ୍ତା କଡ଼ରେ ପକାଯାଉଥିବା ଜଣାପଡିଛି। ଯାଜପୁର ପୌର ପରିଷଦକୁ ପଲିଥିନମୁକ୍ତ କରିବା ପାଇଁ ପଞ୍ଚବାର୍ଷିକ ଯୋଜନାରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପ୍ରସ୍ତାବ ଦିଆଯାଇଛି। ୨୦୧୯ ଅଗଷ୍ଟ ଶେଷ ସୁଦ୍ଧା ଏହି ସହରକୁ ପଲିଥିନ ମୁକ୍ତ କରିବା ପାଇଁ ପ୍ରଶାସନ ବିଭିନ୍ନ ସମୟରେ ନାରା ଦେଇ ଆସୁଥିବାବେଳେ ତାହା ସମ୍ଭବ ହୋଇପାରି ନାହିଁ। ଯାଜପୁର ସହର ୧୧ହଜାର ୬୯ ବର୍ଗମିଟର ବ୍ୟାସାର୍ଦ୍ଧ ହୋଇଥିବାବେଳେ ଜନସଂଖ୍ୟା ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ। ଏହି ସହରରେ ୨୭ଟି ସାହି ରହିଛି। ପ୍ରତ୍ୟେକ ଦିନ ପ୍ରାୟ ୨୫ ଟନ୍ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ଏହି ସହରରେ ଏତେ ମାତ୍ରାରେ ପଲିଥିନ ବ୍ୟବହାର କରାଯାଉଛି ଯେ ସାମାନ୍ୟ ପବନ ହେଲେ ସହର ସାରା ପଲିଥିନ ଉଡୁଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଖୋଦ ଜିଲାପାଳ ସହରର ବିଭିନ୍ନ ଛକ ବଜାରକୁ ଯାଇ ପଲିଥିନ ବ୍ୟବହାର କରୁଥିବା ବ୍ୟବସାୟୀଙ୍କୁ ଦଣ୍ଡିତ କରିଛନ୍ତି। ମାତ୍ର ପୌର ପ୍ରଶାସନ ପକ୍ଷରୁ ଦିନଟିଏ ହେଲେ ମଧ ପଲିଥିନ ବନ୍ଦ କରିବା ପାଇଁ କୌଣସି ତାଗିଦ କରାଯାଉ ନ ଥିବା ଜଣାପଡିଛି। ଫଳରେ ପଲିଥିନ ବ୍ୟବହାର



- ପ୍ରତିଦିନ ସହର ସାରା ଗଦା ହେଉଛି ବସ୍ତାବସ୍ତା ପ୍ଲାଷ୍ଟିକ ଆବର୍ଜନା
- ପଲିଥିନ ବ୍ୟବହାରକାରୀଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ
- ସଚେତନ ହେଉ ନାହାନ୍ତି ସହରବାସୀ

କମିବାର ନାଁ ଧରୁନାହିଁ। ଏହି ସହରରେ ପଲିଥିନ ହୋଲସେଲିଂ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଜିପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ସେମାନେ ମନଇଚ୍ଛା ପଲିଥିନ ବେପାର ବଢ଼ାଇବାରେ ବ୍ୟସ୍ତ ରହିଛନ୍ତି। ଯଦ୍ୱାରା ବହୁଳ ପଲିଥିନ ବ୍ୟବହାର ଯୋଗୁ ସହର ସାଂଘାତିକଭାବେ ପ୍ରଦୂଷିତ ହେବାରେ ଲାଗିଛି। ଯାଜପୁର ୧୫୦ ବର୍ଷର ସହର ହୋଇଥିଲେ ବି ଡମ୍ପିଂୟାର୍ଡ ନ ଥିବାରୁ ବୈତରଣୀ ନଦୀକୂଳେ କୁଡ଼କୁଡ଼ ପଲିଥିନ ଜମା ହୋଇରହିଛି। ଯାହାଦ୍ୱାରା ବୈତରଣୀ ନଦୀ ମଧ ବ୍ୟାପକ ପ୍ରଦୂଷିତ ହେଉଅଛି। ଏହି ସହରରେ ଏତେମାତ୍ରାରେ ପଲିଥିନ ବ୍ୟବହାର କରାଯାଉଛି ଯେ ଆବର୍ଜନା ସଂଗ୍ରହ କରିବା ପାଇଁ ପୌରପରିଷଦର ଯଥେଷ୍ଟ ଟ୍ରାକ୍ଟର କିମ୍ବା ଡଷ୍ଟବିନ୍ ନାହିଁ। ବ୍ୟବସ୍ଥିତ ଷ୍ଟୋରେଜ ବି ସହରରେ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ। ଏଥିପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୌର କର୍ତ୍ତୃପକ୍ଷଙ୍କୁ କୈଫତ ମଗାଯାଇଥିଲେ ମଧ ଏହାର ଉତ୍ତର ଆଜିପର୍ଯ୍ୟନ୍ତ ପୌରପ୍ରଶାସନ ନ ଦେଇ ଚୁପ୍ ହୋଇ ବସିରହିଛି। ଏ ସମ୍ପର୍କରେ ଯାଜପୁର ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ, ସହରକୁ ପଲିଥିନ ମୁକ୍ତ କରିବା ପାଇଁ ଅନେକ ପ୍ରୟାସ ଜାରି ରହିଛି। ମାତ୍ର ସାଧାରଣ ନାଗରିକଙ୍କ ସହଯୋଗ ମିଳୁ ନ ଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ। ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି କହିଛନ୍ତି।

## ଶର୍ଟ ସର୍କିଟରୁ ଟ୍ରକ୍‌ରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲା ଅନ୍ୟ ଟ୍ରକ୍

**କାଳିଆପାଣି,୮।୯(ଡି.ଏନ୍.ଏ.)**

କାଳିଆପାଣି ଥାନା କୋଲିପଶୀ ଟ୍ରକ୍ ପାର୍କିଂୟାର୍ଡରେ ଥିବା ଏକ ଟ୍ରକ୍‌ରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲଗିଯାଇଥିଲା। ଖବର ପାଇ ଟାଟା ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଏହି ଟ୍ରକଟି ସୁକିନ୍ଦା ଅଞ୍ଚଳର ଏସ୍.କେ.ଆକବର ଅଲ୍ଲିଙ୍କର ବୋଲି ଜଣାପଡ଼ିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ସୁରକ୍ଷାରେ ନିୟୋଜିତଥିବା କର୍ମଚାରୀ କହିଛନ୍ତି। ପ୍ରକାଶ ଯେ, ଓଡ଼ିଶା ଖଣି ନିଗମ କୋଲିପଶୀ ପାର୍କିଂୟାର୍ଡରେ ବହୁ ଟ୍ରକ୍ ସିରିୟଲ କରି ରହିଥିଲା। ହେଲେ ବିଳମ୍ବିତ ରାତିରେ ଉକ୍ତ ଟ୍ରକ୍‌ଟିରେ ଅଚାନକ ନିଆଁ ଲାଗିଯାଇଥିଲା। ପାଖରେ ଅନ୍ୟ ଟ୍ରକ୍‌ଗୁଡ଼ିକୁ ନିଆଁ ବ୍ୟାପିବା ନେଇ ସେଠାରେ ନିୟୋଜିତ ଥିବା ଓଆଇଏସ୍‌ଏଫ କର୍ମଚାରୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏଥିସହ ଦମକଳ ବାହିନୀକୁ ମଧ ଖବର ଦେଇଥିଲେ।

## ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ କର୍ମକର୍ତ୍ତା ଚୟନ

**ଧର୍ମଶାଳା, ୮।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁରସ୍ଥିତ ନୀଳସୁନ୍ଦର ନୋଡାଲ ହାଇସ୍କୁଲ ପରିସରରେ ରବିବାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦାମ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରସଂସଦର ଛାତ୍ରୀଛାତ୍ର, ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ସରପଞ୍ଚ ଦିବାକର ବେହେରା, ସମିତି ସଭ୍ୟ ଗଣେଶ୍ୱର ଜେନାଙ୍କ ସମେତ ସ୍ଥାନୀୟ ଲୋକ ଅଂଶ ଗ୍ରହଣ କରିଥିଲେ। ଏଥିରେ ସୁବର୍ଣ୍ଣଜୟନ୍ତୀ ପରିଚାଳନା କମିଟିର ଅଧକ୍ଷ ଭାବେ ଶ୍ରୀବାସ ଜେନାଙ୍କୁ ନିର୍ବାଚିତ କରାଯାଇଥିବାବେଳେ ଉପାଧକ୍ଷ ଭାବେ ସ୍କୁଲର ପ୍ରଧାନ ଶିକ୍ଷକ ସୁଦାମ ପଣ୍ଡା ଓ ବିଜୟ କୁମାର ରାମ, ସମ୍ପାଦକ ଅରୁଣ କୁମାର ନାୟକ, ଯୁଗ୍ମ ସମ୍ପାଦକ ବିଚିତ୍ରା ନନ୍ଦ ରାଉତ, ସଂଯୋଜକ ମହମ୍ମଦ ଏଜାମୁଲ ହକ୍, ସହ ସଂଯୋଜକ ପଞ୍ଚାନନ ରାଉତ, କୋଷାଧକ୍ଷ ଭାବେ ବିଜୟ କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ଫକିର ଚରଣ ସାହୁ, ସେକ୍ ଜାହାଙ୍ଗିର ଚାନ୍ଦ୍, ସେକ୍ କମରୁଲ ହକ୍, ଶରତ କୁମାର ଦାସ, ସତ୍ୟନାରାୟଣ ବେହେରାଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ କମିଟି ମନୋନୀତ କରିଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନରେ ସୁବର୍ଣ୍ଣ ଜୟନ୍ତୀର ଲୋଗ ଉନ୍ମୋଚନ ହେବ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଏବଂ ଅବସରପ୍ରାପ୍ତ ଅଧାପକ ମନୋରଞ୍ଜନ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**କଳିଙ୍ଗନଗର,୮।୯(ଡି.ଏନ୍.ଏ.):** ଦାନଗଦୀ ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ରିବିବାର ଫାଣ୍ଡି ପୋଲିସ କେନ୍ଦୁଝର ଜିଲା ପଳାସପଙ୍ଗା ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ କାହ୍ନା ଓରଫ ନିରଞ୍ଜନ ନାୟକ(୨୪)। ପ୍ରକାଶ ଯେ, ଗତ ତା ୧୧।୭।୧୬ରେ ଉକ୍ତ ନାବାଳିକାଙ୍କୁ କାହ୍ନା ଅପହରଣ କରି ନେଇଥିଲେ। ବହୁ ଖୋଜାଖୋଜି କଲା ପରେ ନ ପାଇବାରୁ ୧୨ ତାରିଖରେ ଦାନଗଦୀ ଫାଣ୍ଡିରେ ନାବାଳିକାଙ୍କ ମା' ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ( ନଂ. ୧୯୮/୨୦୧୬) ଦଫା ୩୬୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

## ■ ବରୀରେ ସଭ୍ୟ ସଂଗ୍ରହ ଅଭିଯାନ, ମିଶ୍ରଣ ପର୍ବ
# 'ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା'



ମଞ୍ଚରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟିକାଙ୍କ ସହ ଅନ୍ୟମାନେ।

**ବରୀ, ୮।୯(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତ ସନ୍ଥନ ମଠ ନିକଟରେ ରବିବାର ବରୀ ନିର୍ବାଚନମଣ୍ଡଳୀ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜ୍ଞାନ କୌଶଳ ଓ ସାମାଜିକ ନିରାପତ୍ତା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବରୀ ହେଉଛି ସ୍ୱାଧୀନତା ସଂଗ୍ରାମୀର ମାଟି, ଏଠାରେ ଦେଶ ପାଇଁ ଶହୀଦ ହୋଇ ସ୍ୱର୍ଣ୍ଣାକ୍ଷରରେ ଶହୀଦଙ୍କ ନାମ ଲିପିବଦ୍ଧ ହୋଇ ରହିଛି। ବରୀର ବିକାଶ ପାଇଁ ବିଧାୟିକା ସୁନନ୍ଦା ଦାସ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏ ନେଇ ସମସ୍ତେ ବିଧାୟିକାଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ଓ କଂଗ୍ରେସ ଛାଡି ୨ଶହରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି, ସମିତି ସଭ୍ୟା ନିର୍ଝରିଣୀ ସାମଲ, ସରପଞ୍ଚ ସମୀର ମଲ୍ଲିକ୍, ସରପଞ୍ଚ ରଞ୍ଜୁଲତା ମହାନ୍ତି, ୨୧ନଂ ଜୋନ୍‌ର ଭାଜପା ପ୍ରଭାରୀ ଆର୍ତ୍ତବନ୍ଧୁ ସାମଲ, ଭାଜପା ପ୍ରଭାରୀ ଦୁଷ୍ମନ୍ତ ସେଠୀ, ଭାଜପା ଜିଲା ପରିଷଦ ପ୍ରାର୍ଥୀ ଦୁର୍ଗା ମାଧବ ନନ୍ଦ, ଅରବିନ୍ଦ ମହାନ୍ତି, ସୁରେନ୍ଦ୍ର ସାହୁ, ଭାଜପା ନେତା ଜୟନ୍ତ ରଥ, କଂଗ୍ରେସ ନେତା ନକୁଳ ଚନ୍ଦ୍ର ଦାସ, ସୁରେନ୍ଦ୍ର ମଲ୍ଲିକ, ଶରତ ଚନ୍ଦ୍ର ମଲ୍ଲିକ, ବୁଲା ମଲ୍ଲିକ୍, ଚାରୁଲତା ମଲ୍ଲିକ୍, କୃପାସିନ୍ଧୁ ଭୂୟାଁ, ପ୍ରମୁଖ ଭାଜପା ଓ କଂଗ୍ରେସ ନେତାଙ୍କ ସମେତ କର୍ମୀଙ୍କୁ ମନ୍ତ୍ରୀ ପଣ୍ଡା ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବରୀରେ ୮୦ ହଜାର ସଭ୍ୟଙ୍କୁ ବିଜେଡିରେ ସାମିଲ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ବିଜେଡି ନେତା ଦେବେନ୍ଦ୍ର ଦାସ କରିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବରୀର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ୍, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବିଧାୟିକା ସୁନନ୍ଦା ଦାସ, ସରପଞ୍ଚ ସନ୍ତୋଷ ସାମଲ, ଯୁବ ବିଜେଡି ନେତା ଅମୂଲ୍ୟ ପରିଡ଼ା, ରଞ୍ଜନ ପଣ୍ଡା, ଗୌରବ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

**ବିଜେଡିରେ ମିଶିଲେ ୨ଶହରୁ ଊର୍ଦ୍ଧ୍ୱ ନେତା, କର୍ମୀ**

## ■ ୨୦ନମ୍ବର ଜାତୀୟ ରାଜପଥଠାରୁ କୋଗାଁ ରାସ୍ତା
# ଶିଳାନ୍ୟାସର ୫ ମାସ ପରେ ବି ହୋଇନି କାମ

**ଯାଜପୁର ରୋଡ, ୮।୯(ନି.ପ୍ର.)**



କୋରେଇ ବ୍ଲକ ଅର୍ନ୍ତଗତ ତଳଗଡ ଗ୍ରାମ ପଞ୍ଚାୟତ ଜାତୀୟ ରାଜପଥ ୨୦ ନମ୍ବରରୁ କୋଗାଁକୁ ରାସ୍ତା ନିର୍ମାଣକୁ ଭିତ୍ତିପ୍ରସ୍ତର ହେବାର ୫ ମାସ ବିତିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଠିକାଦାର ରାସ୍ତା କାମ ପାଇଁ ମାଟି ମୁଠେ ପାକାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମାର୍ଚ୍ଚ ୨୦୧୯ରେ ୨କୋଟି ୫୦ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତାକୁ ତତ୍କାଳୀନ ବିଧାୟକ ଆକାଶ ଦାସ ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ ପାଇଁ ଟେଣ୍ଡରକରି ଠିକେଦାର ଚୟନ କରିଥିଲା। ଏହି ରାସ୍ତାଟି ଝୁମ୍ପାଣ, କପିଳଙ୍ଗ, ଇଟାପୁର, ପିମ୍ପଲ, କୋଗାଁ ପ୍ରଭୃତି ଗ୍ରାମକୁ ସଂଯୋଗ କରୁଛି। ରାସ୍ତାଟି କାମ କରା ନ ଯିବାରୁ ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ଖାଲଖମା ହୋଇ ପାଣି ଜମିରହୁଛି। ଉକ୍ତ ରାସ୍ତା ଦେଇ ପିଲାମାନେ ସ୍କୁଲ, କଲେଜକୁ ଯାତାୟାତ କରିବାକୁ ବିପଦ ମଣୁଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡ୍ ଆରଡି ସବ୍‌ଡିଭିଜନ ଏସ୍‌ଡିଓଙ୍କୁ ଗ୍ରାମବାସୀ ଭେଟିବାକୁ ଗଲେ ଏସ୍‌ଡିଓଙ୍କ ଦେଖା ମୁଳୁ ନ ଥିବା କହିଛନ୍ତି। ଅପରପକ୍ଷେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଦୁର୍ଗା ପୂଜା ପୂର୍ବରୁ ରାସ୍ତାକୁ ପ୍ରଥମେ ମରାମତି କରିବା ପାଇଁ ବରିଷ୍ଠ ବିଜେଡି ନେତା ବାବୁଲାଲ୍ ଗୁରୁ ଦାବି କରିଛନ୍ତି। ରାସ୍ତା ମରାମତି କରା ନ ଗଲେ ୨୦ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ସମ୍ପର୍କରେ କୋରେଇ ଆର୍‌ଡି କନିଷ୍ଠ ଯନ୍ତ୍ରୀ ରଞ୍ଜନ ବେହେରାଙ୍କୁ ପଚାରିବାରୁ, ଠିକାଦାର ବିଳମ୍ବରେ ରାସ୍ତା କାମ ନେଇ ଚୁକ୍ତି କରିଥିଲେ। ବର୍ଷାଦିନ ଆସିଯିବାରୁ ରାସ୍ତା କାମ ହୋଇପାରି ନ ଥିଲା। ନଭେମ୍ବରରେ କାମ ଆରମ୍ଭ ହେବ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି।

## ଆଦର୍ଶ ପଞ୍ଚାୟତଭାବେ ବାଲିବିଲି ପୁରସ୍କୃତ

**ବରୀ, ୮।୯(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଓ ଆମ ଗାଁ ଆମ ବିକାଶ ଯୋଜନାର ସଫଳତା ପାଇଁ ବରୀ ବ୍ଲକ ଅଧୀନ ବାଲିବିଲି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତର ମାନ୍ୟତା ମିଳିଛି। ଏ ନେଇ ଗତ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଡିଆର୍‌ଡ଼ିଏ ସଭାଗୃହରେ ଏକ ସଭାରେ ଜିଲାପାଳ ରଞ୍ଜନ କୁମାର ଦାସ ସରପଞ୍ଚ ସନ୍ତୋଷ ସାମଲଙ୍କୁ ମାନପତ୍ର ସହ ପଞ୍ଚାୟତର ବିକାଶ ପାଇଁ ୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏ ବାବଦରେ ରବିବାର ସରପଞ୍ଚ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏହି ପଞ୍ଚାୟତର ଏତାଦୃଶ କାର୍ଯ୍ୟପାଇଁ ସଫଳତା ମିଳିଥିବାରୁ ସରପଞ୍ଚଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି। ଆଗାମୀ ଦିନରେ ପଞ୍ଚାୟତକୁ ଜିଲାରେ ୧ନମ୍ବର କରିବାକୁ ଚେଷ୍ଟା କରିବି ବୋଲି ସରପଞ୍ଚ କହିଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଚିଠି ନଂ.୯୩୫୬, ତା.୪।୬।୧୯ରେ ଜିଲା ପ୍ରଶାସନ ନିକଟକୁ ଏ ସଂକ୍ରାନ୍ତୀୟ ଚିଠି ଆସିଥିଲା। ପରେ ବରୀ ବ୍ଲକ ବିଡ଼ିଓଙ୍କୁ ଚିଠି ପ୍ରଦାନ କରାଯାଇଥିଲା।

## ଜିଲା ଲେଖକ ସମ୍ମିଳନ
# ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୮।୯(ଡି.ଏନ୍.ଏ.):** ଯାଜପୁର ଜିଲା ଲେଖକ ସମ୍ମିଳନର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ଓ କାର୍ଯ୍ୟକାରିଣୀ ବୈଠକ ରବିବାର ଧର୍ମଶାଳା ବ୍ଲକ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧକ୍ଷତାରେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ବିବରଣୀ ପାଠ କରି ପ୍ରସ୍ତାବ ଆଗତ କରିଥିଲେ। ଉପସଭାପତି ଦୟାନିଧି ନାୟକ ସୂଚନା ପ୍ରଦାନ କରି ରଜତ ଜୟନ୍ତୀ ପାଇଁ ନିର୍ଦ୍ଧାରିତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରଥିଲେ। ଆସନ୍ତା ଅକ୍ଟୋବର ୧୩ରେ ଧର୍ମଶାଳା ବ୍ଲକରେ ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମର ଉଦ୍‌ଯାପିତ ହେବ। ଏଥି ପୂର୍ବରୁ ଦଶରଥପୁର ଏବଂ ଯାଜପୁର ପୌରାଞ୍ଚଳରେ ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ ଶେଷ କରାଯିବ। ଡିସେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଲେଖକ ସମ୍ମିଳନର ରଜତ ଜୟନ୍ତୀ ଉତ୍ସବ, ଗୌତମ ବୁଦ୍ଧ ସଂସ୍କୃତି ଭବନ ଓ ବ୍ୟାସନଗରଠାରେ ଅନୁଷ୍ଠିତ ହେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏଥିସହ ରଜତ ଜୟନ୍ତୀ ଉପଲକ୍ଷେ ଜିଲାପାଳଙ୍କ ଅଧକ୍ଷତାରେ ଏକ ଅଭ୍ୟର୍ଥନା ସମିତି ଗଠନ କରାଯିବା ସହିତ ଯାଜପୁର ଏମ୍‌ପି ଓ ଜିଲାର ସମସ୍ତ ବିଧାୟକଙ୍କୁ ଏଥିପାଇଁ ଉପଦେଷ୍ଟା ମଣ୍ଡଳିର ସଦସ୍ୟଭାବେ ଅନୁରୋଧ କରାଯିବାକୁ ସ୍ଥିର କରାଯାଇଛି। ଏତଦ୍‌ବ୍ୟତିତ ଉତ୍ସବ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇବ। ଯାଜପୁର ଜିଲାର ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଶିଳ୍ପ ଓ ଐତିହ୍ୟ ସମ୍ପର୍କରେ ଲେଖାମାନ ଅକ୍ଟୋବର ୧୩ ତାରିଖ ସୁଦ୍ଧା ଦୟାନିଧି ନାୟକ ଉପସଭାପତି କିମ୍ବା ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟରେ ପହଞ୍ଚାଇବାକୁ ସଭାରେ ପ୍ରସ୍ତାବ ଗୃହୀତ ହୋଇଛି। ସମ୍ମିଳନର ଉପଦେଷ୍ଟା ରମାକାନ୍ତ ଜେନା, ସଂଗଠନ ସମ୍ପାଦକ ମିହିର ପ୍ରକାଶ ଦାସ, ଧର୍ମଶାଳା ମହିଳା ମହାବିଦ୍ୟାଳୟର ଅଧକ୍ଷା ଇନ୍ଦୁପ୍ରଭା ସାମଲ, ଖବରଦାତା ବଟକୃଷ୍ଣ ପରିଡ଼ା, ବ୍ରଜବନ୍ଧୁ ଶତପଥୀ, ବ୍ୟାସସରୋବର ସାହିତ୍ୟ ବାଟିକାର ସଭାପତି ଗୁଣନିଧି ଗୁରୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବ୍ରଜରାଜ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ■ ମୋଟର ଯାନ କାଗଜପତ୍ର ଯାଞ୍ଚ ନିୟମ କଡ଼ାକଡ଼ି
# ଜିଲାପାଳ, ବିଧାୟକଙ୍କୁ ଭେଟିଲେ ଶତାଧିକ ଗାଡ଼ିମାଲିକ

**ଦଶରଥପୁର,୮।୯(ଡିଏନ୍‌ଏ)**

କେନ୍ଦ୍ର ସରକାର ମୋଟର ଯାନ ଆଇନ୍‌କୁ କଡ଼ାକଡ଼ିଭାବେ କାର୍ଯ୍ୟକାରୀ କରିଛନ୍ତି। ଫଳରେ ବହୁ ଗାଡିମାଲିକ ଜୀବିକା ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଜିଲାପାଳ ଓ ବିଧାୟକଙ୍କ ନିକଟରେ ରବିବାର ବିଭିନ୍ନ ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି।

ସୂଚନା ଯେ, କେନ୍ଦ୍ର ସରକାର ମୋଟର ଯାନ ଆଇନ୍ ନୀୟମକୁ କଡ଼ାକଡ଼ିଭାବେ ପାଳନ କରିବାକୁ ରାଜ୍ୟ ମୋଟର ଯାନ ପରିବହନ କାର୍ଯ୍ୟାଳୟ ଓ ପୋଲିସ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସରକାରଙ୍କ ଏଭଳି ନିର୍ଦ୍ଦେଶ ପରେ ଗାଡ଼ିର ସମସ୍ତ କାଗଜପତ୍ର ରଖି ନ ଥିବା ଲୋକେ ଏବଂ ବ୍ୟବସାୟିକ ଯାନ ବାହାରକୁ ବାହାରିବା ଲାଗି ସାହସ କରିପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାର ଶତାଧିକ ଟ୍ରେକର ମାଲିକ ତାଙ୍କ ଜୀବିକା ହରାଇବେ ବୋଲି ମଙ୍ଗଳପୁର ଟ୍ରେକର ଷ୍ଟାଣ୍ଡ, ଯାଜପୁର ଟ୍ରେକର ଷ୍ଟାଣ୍ଡ, ବିଞ୍ଝାରପୁର ଟ୍ରେକର ଷ୍ଟାଣ୍ଡ ଓ କୋରେଇ ବ୍ଲକର ପାଣିକୋଇଲି ଟ୍ରେକର ଷ୍ଟାଣ୍ଡରୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଟ୍ରେକର ମାଲିକ ରବିବାର ଜିଲାପାଳ ରଞ୍ଜନ କୁମାର ଦାସ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିଛନ୍ତି। ସେମାନେ କିପରି ଜୀବିକା ନିର୍ବାହ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱହେବ ଯାଜପୁର ଅଞ୍ଚଳରେ ଟ୍ରେକରଗୁଡ଼ିକ ଚାଲିଆସୁଥିବାବେଳେ ବାସ୍ତବପକ୍ଷେ ଏହି ଗାଡିଗୁଡ଼ିକୁ ଯାତ୍ରୀ ପରିବହନ ଭାବେ ବ୍ୟବହାର କରାଯାଉଥିବାରୁ ଏହା ଉପରେ ବିଶେଷଭାବେ କଟକଣା କରାଯାଇଛି। ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳକୁ ଚାହିଁଲେ ଟ୍ରେକର ଗାଡି ସଂଖ୍ୟା ୮ଶହରୁ ଊର୍ଦ୍ଧ୍ୱ ହେବ। ବର୍ତ୍ତମାନ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ମାଲିକ ସେମାନଙ୍କ ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଗାଡ଼ି ଯାଞ୍ଚକୁ କଡାକଡି କରିଥିବାବେଳେ ଟ୍ରେକର ଚଳାଇବା ଏକ ରକମ ବନ୍ଦ ହୋଇଯାଇଛି। ଆଉ କେତେକ ଯାତ୍ରୀବାହୀ ଗାଡ଼ିର କାଗଜପତ୍ରରେ କିଛି ତ୍ରୁଟି ରହିଯାଇଥିବା ଆଶଙ୍କାରେ ଗାଡ଼ିଗୁଡ଼ିକ ମୁଖ୍ୟ ରାସ୍ତାକୁ ଓହ୍ଲାଇବା ପାଇଁ ସାହସ କରୁନାହାନ୍ତି। ଗାଡ଼ି କାଗଜପତ୍ର ତ୍ରୁଟିଲାଗି ଭିନ୍ନଭିନ୍ନ ବାବଦରେ ମୋଟା ଅଙ୍କର ଜରିମାନା ଗଣିବାକୁ ପଡୁଥିବାରୁ ଦଶରଥପୁର ଅଞ୍ଚଳର ବହୁ ଯାତ୍ରୀବାହୀ ଗାଡ଼ି କଟକ, ଭୁବନେଶ୍ୱର ଯିବାକୁ ଅମଙ୍ଗ ହେଉଥିବା ଦେଖାଯାଇଛି। ଫଳରେ ଯେଉଁ ଗାଡ଼ିର କାଗଜପତ୍ର ଠିକ୍ ରହିଛି ଉକ୍ତ ଗାଡ଼ି ମାଲିକମାନେ ଏହାର ଫାଇଦା ଉଠାଉଥିବା କୁହାଯାଉଛି। ଏହି ଗାଡ଼ି ମାଲିକମାନେ ଯାତ୍ରୀଙ୍କଠାରୁ ଡବଲ ଭଡ଼ା ଆଦାୟ କରୁଥିବା ଶୁଣିବାକୁ ମିଳୁଛି। ତେବେ ଜିଲାପାଳଙ୍କୁ ଭେଟିଥିବା ଗାଡ଼ି ମାଲିକଙ୍କୁ ଟ୍ରେକର ଗାଡି ଚଲାଯାଇ ପାରିବ ନାହିଁ ବୋଲି ଜିଲାପାଳ ଦାସ କହିଥିବାବେଳେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯାଜପୁର ଷ୍ଟାଣ୍ଡର ସେକ୍ରେଟାରୀ ବିଜୟ ମହାନ୍ତି, ଅସରଫ୍ ଅଲ୍ଲୀ, ପାର୍ବତି ଦାସ, ବୁଲୁ ଦାସ ପ୍ରମୁଖ ବସ୍ ମାଲିକ ଓ ଷ୍ଟାଣ୍ଡର ପଦ ପଦବୀରେ ରହିଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରି ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ଗାଡ଼ି ମାଲିକ।

## ସଂକ୍ଷେପରେ

### ନେତାଜୀ ସ୍ପୋର୍ଟିଂ କ୍ଲବର ରକ୍ତଦାନ ଶିବିର

ବିରିଡ଼ି/ବାଲିଆ,୮।୯(ଡି.ଏନ.ଏ): ବିରିଡ଼ି ବ୍ଲକ ୨୨ ମୌଜା ଗେଲପୁର ନେତାଜୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ଗେଲପୁର ୟୁପି ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି କାମଦେବ ବସ୍ତିଆଙ୍କ ନେତୃତ୍ୱରେ ଏହି ଶିବିରରେ ୬୪ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। କ୍ଲବର ସମ୍ପାଦକ ସୁବ୍ରତ ବସ୍ତିଆଙ୍କ ସମେତ କାମଦେବ ବସ୍ତିଆ, ହେମନ୍ତ ବସ୍ତିଆ, ସୌମ୍ୟରଞ୍ଜନ ବସ୍ତିଆ, ପ୍ରତୀଶ ବସ୍ତିଆ, ସୁମିତ ବସ୍ତିଆ, ସୁନିଲ ବସ୍ତିଆ, ସନ୍ଦୀପ ବସ୍ତିଆ, ସୁମନ ବାରିକ, ଶ୍ରାବଣୀ ଦାସ, ପ୍ରିୟଙ୍କା ବସ୍ତିଆ, ଦୀପ୍ତିମୟୀ ବସ୍ତିଆ, ସସ୍ମିତା ବସ୍ତିଆ, ସତ୍ୟସୁନ୍ଦର ବସ୍ତିଆ, ଜଗତ ଜୀବନ ବସ୍ତିଆ, ଶୁଭାଙ୍ଗୀ ମଧୁସ୍ମିତା ବସ୍ତିଆ ପ୍ରମୁଖ ପରିଚାଳନା କରିଥିଲେ।

### ମହିମା ଅଲେଖ ଟୁଙ୍ଗିରେ ନବାନ୍ନ ମହୋତ୍ସବ

ବିରିଡ଼ି,୮।୯(ଡି.ଏନ.ଏ.): ବିରିଡ଼ି ବ୍ଲକ ମାଳିଅଁଠାରେଥିବା ବ୍ରହ୍ମ ଅବଧୂତ ବ୍ରହ୍ମାନନ୍ଦ ବାବାଙ୍କ ସ୍ମୃତି ମନ୍ଦିରଠାରେ ରବିବାର ନବାନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରଭାତରୁ ବାଲ୍ୟଲୀଳା, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ନାମ ଭଜନ ଓ ପ୍ରବଚନ ହୋଇଥିଲା। ବ୍ରହ୍ମ ଅବଧୂତ ସନ୍ନ୍ୟାସୀ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସାଧୁ କୃଷ୍ଣବାବା ଓ ଅଧ୍ୟାପକ ଶରତ ରାଉତରାୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆ ଚୁଡ଼ା, ଗୁଡ, ଛେନା, ନଡ଼ିଆ, ଘୃତ ସହ ଫଳ ଆଦି ଲାଗି କରାଯାଇ ବଣ୍ଟନ କରାଯାଇଥିଲା। ପ୍ରଦୀପ୍ତ ମହାନ୍ତି, ନଟବର ବେହେରା, ମନୋଜ ସ୍ୱାଇଁ, ସର୍ବେଶ୍ୱର ବେହେରା, କାହ୍ନୁ ଚରଣ ପ୍ରଧାନ ଓ ମୋହନ ରାଉତ ପ୍ରମୁଖ ବହୁ ମହିମା ଧର୍ମୀ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ।

### ଗଣେଶ ପୂଜା ଭସାଣି ଉତ୍ସବ

ବିରିଡ଼ି/ବାଲିଆ, ୮।୯(ଡି.ଏନ୍.ଏ.)
ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବିଶେଷକରି ୨୨ ମୌଜା ଅଲିପଡା ଏମବିଓଆଇସି, ମଙ୍ଗୁଲି ସାଥୀଭଉଣୀ ପୂଜା କମିଟି, ଚାଷୀଖଣ୍ଡ, ହଳଦିଆପଡ଼ା, ଦୋଗଛିଆ ବଜାରରେ ଧୁମ୍‌ଧାମରେ ଭସାଣି ଉତ୍ସବ ହୋଇଥିଲା। ସେହିପରି ବୁଢ଼ାପଡ଼ା ରୋହିଆପଡ଼ା ପୂଜା କମିଟି, ମହାନ୍ତି ସାହି ଗଣେଶ ପୂଜା କମିଟି, ଦଳିତ ସାହି ପୂଜା କମିଟି, ତଳପାଟକ ଦଳିତ ସାହି ପୂଜା କମିଟି, ନୂଆଡଣା କଦମ୍ବ ମୂଳ ଗଣେଶପୂଜା କମିଟି ପକ୍ଷରୁ ଠାକୁରଙ୍କୁ ଭସାଣି ଶୋଭାଯାତ୍ରାରେ ନେଇ ବିସର୍ଜନ କରାଯାଇଥିଲା। ବୁଢ଼ାପଡ଼ା ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନଙ୍କ ସମେତ ଦୋଗଛିଆ ପୂଜା କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଗୋଠପଦାର ଗଣେଶ ଭଷାଣି ଉତ୍ସବରେ ପୂଜା କମିଟି ସଭ୍ୟ ତପନ ଭୂୟାଁ, ରଶ୍ମିରଞ୍ଜନ ଭୂୟାଁ, ଅମିର ରଞ୍ଜନ ମହାନ୍ତି, ସତ୍ୟଜିତ ଖଣ୍ଡୁଆଳ, ପ୍ରତାପ ବାରିକ, ଅନୁପ ମହାନ୍ତି, ଅସିତ ଭୂୟାଁ, ସବ୍ୟସାଚୀ ଭୂୟାଁ, ସତ୍ୟଜିତ ଭୂୟାଁ, କାହ୍ନା ବାରିକ, ବାଦଲ ସେଠୀ, ଜୀବନ ଭୂୟାଁ ପ୍ରମୁଖ ଗ୍ରାମ ପରିକ୍ରମା କରାଇ ସିଦ୍ଧେଶ୍ୱର ମଠ ନିକଟରେ ମୂର୍ତ୍ତି ବିସର୍ଜନ କରିଥିଲେ।

■ ବିଜେଡି ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ଅବ୍ୟବସ୍ଥାରୁ ହଟହଟା ହେଲେ ସଭ୍ୟ

■ ଖବରଦାତାଙ୍କୁ ଆକ୍ଷେପ କରି କ୍ଷମା ମାଗିଲେ ଜିଲା ପରିଷଦ ଉପାଧ୍ୟକ୍ଷ
■ ବୈଠକକୁ ଆସିଲେନି ବିଷ୍ଣୁ

ଜଗତ୍‌ସିଂହପୁର ଅଫିସ, ୮।୯

ବିଜେଡି ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ସମୟରେ ନାନା ଅବ୍ୟବସ୍ଥା ପଦାକୁ ଆସିଥିଲା। ବୈଠକରେ କେବଳ କାର୍ଯ୍ୟକାରିଣୀ ସଭ୍ୟମାନେ ଉପସ୍ଥିତ ରହିବା କଥା। କିନ୍ତୁ ଶତାଧିକ ଦଳୀୟ କର୍ମୀ ଭର୍ତ୍ତି ହୋଇଯିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ମଣ୍ଡପ ହଲ୍‌ରେ ଜାଗା ନ ମିଳିବାରୁ ଅନେକ ସଭ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଭିତରକୁ ଯାଇ ନ ପାରି ହଟହଟା ହୋଇଥିଲେ। ଏପରି କି କେତେଜଣଙ୍କୁ ଦଳୀୟ କର୍ମୀ ଠେଲି ବାହାରକୁ ବାହାର କରି ଦେଇଥିବା ଜଣାଯାଇଥିଲା। କେବଳ ଏତିକି ନୁହେଁ, କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ବିଷ୍ଣୁ ଚରଣ ଦାସଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଅପମାନିତ କରାଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଆଡକୁ ଅଙ୍ଗୁଳି ଉଠାଇ କହିଥିଲେ ଖବରଦାତାମାନେ ଟଙ୍କା ନେଇ ଯାଇଥିବାରୁ ସେମାନେ ପଳାଇ ଗଲେଣି। ଏହି ସମୟରେ ମଞ୍ଚାସୀନ ଅତିଥିମାନେ ତାଙ୍କୁ ବାରଣ କରିବାରୁ ସେ ଅଧିକ କିଛି କହିବାକୁ ସାହାସ କରିପାରି ନ ଥିଲେ। ତେବେ ଏହି କଥାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶେଷରେ ସ୍ୱାଇଁ ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଓ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉପସ୍ଥିତିରେ କ୍ଷମା ପ୍ରାର୍ଥନା କରିବାରୁ ପରିସ୍ଥିତି ନିୟନ୍ତ୍ରିତ ହୋଇଥିଲା।



ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ମଣ୍ଡପ ହଲ୍‌ରେ କାର୍ଯ୍ୟକ୍ରମ ଆରମ୍ଭରୁ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପ୍ରଥମତଃ ଏହି କାର୍ଯ୍ୟକ୍ରମରେ ୮୧ ଜଣ କାର୍ଯ୍ୟକାରିଣୀ ସଭ୍ୟ ଓ ଅତିଥି ଉପସ୍ଥିତ ରହିବାର ବ୍ୟବସ୍ଥା ହୋଇଥିବା ବେଳେ ପାଖାପାଖି ୪୦୦ ଲୋକ ରୁଣ୍ଡ ହୋଇଥିଲେ। କାର୍ଯ୍ୟକାରିଣୀ ସଭ୍ୟମାନଙ୍କ କଥା ତ ଦୂର ଅତିଥିମାନଙ୍କ ବସିବା ପାଇଁ ସ୍ୱତନ୍ତ୍ର ଭାବେ କିଛି ଚେୟାର ବ୍ୟବସ୍ଥା ହୋଇ ନ ଥିଲା। ତେବେ ଅତିଥିମାନେ ଯେନତେନ ପ୍ରକାରେ ବସି ପଡିଥିଲେ। କାର୍ଯ୍ୟକାରିଣୀ ସଭ୍ୟମାନଙ୍କ ମଧ୍ୟରୁ ଅନେକଙ୍କୁ ବସିବାର ସୁଯୋଗ ମିଳି ନ ଥିଲା। କାରଣ ଚେୟାର ଦଖଲ କରି ନେଇଥିଲେ ଦଳୀୟ କର୍ମୀ। ଏ ପରିସ୍ଥିତିରେ କେତେଜଣ ସଭ୍ୟ ଛିଡା ହୋଇ ରହିଥିବାବେଳେ ଅନେକ ବାହାରକୁ ଚାଲିଯାଇଥିଲେ। ଯେଉଁ ସଭ୍ୟମାନେ ବିଳମ୍ବରେ ପହଞ୍ଚିଥିଲେ ସେମାନଙ୍କୁ ଭିତରକୁ ଯିବାର ସୁଯୋଗ ନ ଥିଲା। ଏପରି କି କେତେଜଣ ଠେଲିପେଲି ଭିତରକୁ ଯିବାକୁ ଚେଷ୍ଟା କରିବାରୁ ସେମାନଙ୍କୁ କର୍ମୀମାନେ ବାହାର କରି ଦେଇଥିଲେ। ଏ ସମ୍ପର୍କରେ ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ ଭୂୟାଁ କହିଛନ୍ତି, ସେ ସଭ୍ୟ ହୋଇଥିବାରୁ ବୈଠକରେ ବସିବା କଥା। କିନ୍ତୁ ତାଙ୍କୁ ଠେଲି ବାହାର କରି ଦିଆଯାଇଥିଲା। ରଘୁନାଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ କହିବା କଥା ହେଲା ଚେୟାର ମିଳିବା ତ ଦୂରର କଥା ହଲ୍ ଫାଟକ ସାମ୍ନାରେ ଏତେ ଲୋକ ରୁଣ୍ଡ ହୋଇଥିଲେ ଯେ ଲାଗୁଥିଲା ସତେ ଯେପରି କର୍ମୀ ସମ୍ମିଳନୀ ହେଉଛି। ସେ ଭିତରକୁ ଯିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା କେତେକ କର୍ମୀ ଠେଲାପେଲା କରିବାରୁ ବାଧହୋଇ ବାହାରକୁ ଚାଲି ଯାଇଥିଲେ। ଏହିଭଳି ଅନେକ ସଭ୍ୟ ବୈଠକରେ ଯୋଗଦେଇ ନ ପାରି ହଟହଟା ହୋଇଥିବା ଅଭିଯୋଗ କରିଛନ୍ତି। ବହୁ ବିଶୃଙ୍ଖଳା ଭିତରେ ବୈଠକ ଚାଲିଥିଲା। ନେତାମାନେ କିଏ କଣ କହୁଥିଲେ କିଛି ଶୁଭୁ ନ ଥିଲା। ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ମୁଦୁଲି, ବିଜେଡି ନେତା ସୁବାସ ସିଂହ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ୫ଟି ଓ ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଦେଖିଲେ ଉପଜିଲାପାଳ

ବିରିଡ଼ି, ୮।୯(ଡି.ଏନ.ଏ)
ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିଛି। ଆସନ୍ତା ୩୦ ତାରିଖରେ ଏହା ଶେଷ ହେବ। ଏଥିପାଇଁ ବିଏଲଓମାନେ ଘରକୁ ଘର ବୁଲି ସର୍ଭେ ଚଳାଇଛନ୍ତି। କିନ୍ତୁ ପ୍ରତି ରବିବାର ଏହାର ସ୍ୱତନ୍ତ୍ର ଦିବସ ରହିଛି। ଏହି ଅବସରରେ ଭୋଟରମାନେ ନିଜ ନିଜ ବୁଥରେ ପହଞ୍ଚି ଭୋଟର ତାଲିକା ଦେଖିପାରିବେ। ଏହି ପରିପ୍ରେକ୍ଷୀରେ ରବିବାର ଜଗତସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରତାପ ମହାନ୍ତି ବିରିଡ଼ି ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି। ଭୋଟର ତାଲିକାରେ ଭୁଲ ଥିବା ନାମ, ବୟସ ଆଦି ସଂଶୋଧନ କରିବା, ମୃତବ୍ୟକ୍ତି ଓ ଅନ୍ୟତ୍ର ରହୁଥିବା ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାଙ୍କୁ ଏହି ତାଲିକାରେ ଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିପାଇଁ ଥିବା ୮ ପ୍ରକାର ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦର୍ଶାଇବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବାଲିଆ, ସାରସ୍ୱତ, ସଢେଇଶାସନ, ଦଣ୍ଡିଲୋ ବୁଥକୁ ଯାଇ ସେ ତଦାରଖ କରିଥିଲେ। ସୁପରଭାଇଜର ସୁରେନ୍ଦ୍ରନାଥ ଶତପଥୀ ଓ ପ୍ରମୋଦ କୁମାର ସେନାପତି ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ସମିତିର ଧାରଣା


ଧାରଣାରେ ବସିଥିବା ସମିତିର କର୍ମକର୍ତ୍ତା।

ତିର୍ତ୍ତୋଲ,୮।୯(ଡି.ଏନ.ଏ.)
ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ଓ ଚାବି ଖୋଲି ଏହାର ଯାଞ୍ଚ କରିବା ଦାବିରେ ରବିବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ସମିତି ତରଫରୁ ଝଙ୍କଡ଼ ଶାରଳା ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ସମିତିର ଆବାହକ ଆଇନଜୀବୀ ସୁବାଶିଷ ମହାପାତ୍ର, ବିକାଶ ପ୍ରଧାନ, ବିଶେଶ୍ୱରୀ ବିଶ୍ୱାଳ, ମାନସ କୁମାର ସାମଲ, ସୂର୍ଯ୍ୟକାନ୍ତ ଦାଶ, ପଣ୍ଡିତ ଅରୁଣ ପାଣି, ନାନନ ପଟ୍ଟନାୟକ, ସାରଦା ମହାପାତ୍ର, ଅରୁଣ ପଣ୍ଡା, ଶ୍ରଦ୍ଧା ମହାପାତ୍ର, ମାନସ ବେହେରା, ଦେବାଶିଷ ରାଉତ, ରଜନୀକାନ୍ତ ରାଉଳ, ଜିତୁ ପ୍ରଧାନ, ପ୍ରମୋଦ ଦାଶ, ସୁବର୍ଣ୍ଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରତ୍ନ ଭଣ୍ଡାରର ସୁରକ୍ଷା ପାଇଁ ମନ୍ଦିର ପରିସରରେ ମା'ଶାରଳାଙ୍କ ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା।

### କାହ୍ନୁଚରଣ ସ୍ମୃତି ସଂସଦର ଟେଷ୍ଟ ପେପର୍ସ ପ୍ରଦାନ

ବାଲିକୁଦା,୮।୯(ସ୍ୱ.ପ୍ର.)

ବାଲିକୁଦା ତଳସାହି ଗୋଡ଼ିଦାର ସାମାଜିକ କର୍ମୀ କାହ୍ନୁଚରଣ ନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ କାହ୍ନୁଚରଣ ସ୍ମୃତି ସଂସଦ ପକ୍ଷରୁ ବାଲିକୁଦା ବାଳିକା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ଟେଷ୍ଟପେପର୍ସ ପ୍ରଦାନ କରାଯାଇଛି। ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ସୁଜାତା ପରିଡାଙ୍କୁ ଏହି ପାଠ୍ୟ ପୁସ୍ତକ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ, ସହକାରୀ ଶିକ୍ଷକ ପ୍ରସନ୍ନ ସାହୁ, ଶ୍ରୀନିବାସ ସାମନ୍ତରାୟ, ପ୍ରିୟରଞ୍ଜନ ରାୟ, ନିରଞ୍ଜନ ନାୟକ, କବିତା ମହାନ୍ତି, ମଧୁଛନ୍ଦା ଆଚାର୍ଯ୍ୟ, ମାନସୀ ପଣ୍ଡା, କର୍ମଚାରୀ ବିପିନ ବିହାରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ବିଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ସୁଚେତା ରାଉତରାୟ, ଅମ୍ବିକା ସାହୁ, ମୋନାଲିସା ଜେନା, ବନାନି ବନଶ୍ରୀ, ରୋଜାଲିନ ସ୍ୱାଇଁ, ବିନୋଦିନୀ ଦାସ, ଶୁଭକାନ୍ତ ଖଟୁଆ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକୁ ଭୂୟସି ପ୍ରଶଂସା କରିଥିଲେ। ସଂସଦର ସମ୍ପାଦକ ସଂଗ୍ରାମ କେଶରୀ ନାୟକ ପିଲାମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ସରିତା ପାଢ଼ୀ ଓ ସୋନାଲି ଦାସଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା।

# ଅଙ୍ଗନୱାଡି କେନ୍ଦ୍ରକୁ ରାସ୍ତା ନାହିଁ


ଅଙ୍ଗନୱାଡ଼ି ରାସ୍ତାରେ ପାଣି ଜମି ରହିଛି।

ନାଉଗାଁ, ୮।୯(ସ୍ୱ.ପ୍ର.)

ଛୋଟ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଉପଯୁକ୍ତ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରମାନ ଖୋଲିଛନ୍ତି। କିନ୍ତୁ ଏସବୁ କିପରି ପରିଚାଳିତ ହେଉଛି ତାହା ତଦାରଖ କରୁନାହାନ୍ତି। ଫଳରେ କେତେକ ସ୍ଥାନରେ ରାସ୍ତା ନ ଥିବାରୁ ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଉଗାଁ ବ୍ଲକ ବଚ୍ଛାଲୋ ପଞ୍ଚାୟତ ଅଲଣା-୨ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଏହି କେନ୍ଦ୍ରଟି ଦୀର୍ଘ ୮ବର୍ଷ ତଳେ ନିର୍ମାଣ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନାହିଁ। ଏବେ ଏଠାରେ ୧୫ରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ରାସ୍ତା ନ ଥିବାରୁ ସେମାନେ ବିଶେଷକରି ବର୍ଷାଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଟରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯିବା ସମ୍ଭବ ହେଉନି। ଏହି ପାଣି ଦୀର୍ଘଦିନ ଧରି ଜମି ରହି ପଚା ଗନ୍ଧ ହେଉଛି। ଏଥିସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ଚର୍ମରୋଗ ଓ ସଂକ୍ରମଣ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ତୁରନ୍ତ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଏକ ସ୍ଥାୟୀ ପକ୍କାରାସ୍ତା ନିର୍ମାଣ କରିବାକୁ ଗ୍ରାମର ଚନ୍ଦ୍ରକାନ୍ତ ସ୍ୱାଇଁ, ବୁଧିରାମ ପରିଡା, ଶୁଭକାନ୍ତ ସ୍ୱାଇଁ, ସାଗର ଦାସ, ରାକେଶ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏନେଇ ୫୦ ଜଣଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରାଯାଇଛି। ବିଡିଓ ମଲିକ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ପାରାଦୀପ, ୮।୯(ସ୍ୱ.ପ୍ର.)
ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ରବିବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଗୋପାଳଜୀଉ କଲୋନୀଠାରେ ଏକ କମ୍ପ୍ୟୁଟର ସେଣ୍ଟର ଉଦ୍‌ଘାଟିତ ହୋଇଥିଲା। ପରେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ବ୍ୟାଗ ସହ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅଫିସର୍ସ କ୍ଲବଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସିଏମ୍‌ଇ ଏସ୍‌କେ ଦାସ, ଦୀପକ ରଥ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ପାରାଦୀପ ବନ୍ଦର ୧୯୯୨ରେ ପ୍ରଥମ କରି ସାକ୍ଷରତା ଦିଗରେ କାମ କରିବା ସହ ବୃଦ୍ଧାବୃଦ୍ଧଙ୍କ ପାଇଁ ପ୍ରୌଢ଼ ଶିକ୍ଷା ବ୍ୟବସ୍ଥା କରିଥିଲା। ସେଠାରେ ପାଠ ପଢ଼ିଥିବା କେତେକ ବୃଦ୍ଧାବୃଦ୍ଧ ଏବେ ବହି ଲେଖିବା ସହ ଅଙ୍ଗନୱାଡି ଓ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି। ଏବେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ହେଲାଣି। ମହିଳାଙ୍କ ଶିକ୍ଷା ନିମନ୍ତେ ବନ୍ଦର ପକ୍ଷରୁ କମ୍ପ୍ୟୁଟର ଯୋଗାଯିବ ବୋଲି ଅଧ୍ୟକ୍ଷ ରାୟ କହିଛନ୍ତି। ଏହି ଉପଲକ୍ଷେ ପୂର୍ବରୁ ୭ଟି ଜୋନରେ କରାଯାଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମହିଳା କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ପ୍ରଭାତ କୁମାର ଦାସ, ସଂଯୋଜକ ଅଶୋକ କୁମାର ମହାପାତ୍ର ସଞ୍ଚାଳନ କରିଥିଲେ।



ସାକ୍ଷରତା ଦିବସ ଅବସରରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି।

# ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ

ବାଲିକୁଦା, ୮।୯(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ନାଗପୁରସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ନିଖିଳ ଉତ୍କଳ ନିମ୍ନମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିକୁଦା ବ୍ଲକ ନିମ୍ନମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ଓ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅଲ୍ ଓଷ୍ଟା ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ମୁଖ୍ୟଅତିଥି, ଶିକ୍ଷକ ମଞ୍ଚ ରାଜ୍ୟ ସଭାପତି ମାଧବ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକର୍ତ୍ତା ମଣ୍ଡଳି ସଭାପତି ମହେଶ ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ଜୟ ପ୍ରକାଶ ପଣ୍ଡା, ବୀରେନ୍ଦ୍ର ପଣ୍ଡା, ବିଜୟ ବିଶ୍ୱାଳ, ଶିକ୍ଷକ ମଞ୍ଚ ଜିଲା ସଭାପତି ସୁରେଶ ଚନ୍ଦ୍ର ରାଉତ, ସମ୍ପାଦକ ଶାରଦା ପ୍ରସନ୍ନ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଶିକ୍ଷକ ଗୌରବ ତଥା ଅଲ୍ ଓଷ୍ଟାର ପ୍ରାଣ ପ୍ରତିଷ୍ଠାତା ବନମାଳି ବ୍ରହ୍ମଚାରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରତି ତିନି ମାସରେ ଥରେ ସଂଘର ଏକ ବୈଠକ ଡକାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଶାରଦା ସିଂହ ଅତିଥି ପରିଚୟ ପ୍ରଦାନ ଓ ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି, ଅଞ୍ଜନ କୁମାର ସାହୁ, ସୁଶ୍ରୀ ସ୍ମିତା ଦାସ, ଅକ୍ଷୟ ମହାନ୍ତିଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବା ନିବୃତ୍ତ କୃତୀ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ନିରଞ୍ଜନ କାନୁନ୍‌ଗୋ, ପ୍ରଭୁଚରଣ ଦାସ, ପ୍ରହ୍ଲାଦ ଷଡ଼ଙ୍ଗୀ, ରଷିନାଥ ପଣ୍ଡା, ଦିବାକର ଜେନାଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବଂଶୀଧର ବିଶ୍ୱାଳ, ଉପସଭାପତି ମନୁଚରଣ ନାୟକ, ସମ୍ପାଦକ ଚାନୁ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ଚାନ୍ଦ, ସହ ସମ୍ପାଦକ ଦେବେନ୍ଦ୍ର ପରିଡା, କୋଷାଧ୍ୟକ୍ଷ ପ୍ରଭାକର ସ୍ୱାଇଁ, ଉପଦେଷ୍ଟା ଦାମୋଦର ଜେନା, ଶ୍ରୀଧର ମହାରଣା ଓ କୈଳାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବାଲିକୁଦା ବ୍ଲକ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ସଭାପତି ବିଷ୍ଣୁୟ ମଲ୍ଲ ମାନପତ୍ର ପାଠ କରିଥିଲେ।


ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

# ଶିକ୍ଷକ ଥଇଥାନ ନୀତିରେ ବିଗୁଡୁଛି ଶିକ୍ଷା ବ୍ୟବସ୍ଥା

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ପାରାଦୀପ, ୮।୯ (ସ୍ୱ.ପ୍ର.)

ଯେଉଁ ଦେଶର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ସେ ଦେଶର ସାକ୍ଷରତା ହାର ଅଧିକ ଥାଏ। ଆଉ ଅଧିକ ସାକ୍ଷର ଲୋକ ଥିଲେ ଦେଶର ବିକାଶ ନିଶ୍ଚିତ। ଏଥିପାଇଁ ଆମ ଦେଶରେ ସରକାର ନିରନ୍ତର ପ୍ରୟାସ କରୁଥିବା କୁହାଯାଉଛି। ସର୍ବଶିକ୍ଷା ଯୋଜନାଠାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପୁଳାପୁଳା ଯୋଜନା କରାଯାଇଛି। ଏ ବାବଦରେ ବିପୁଳ ଅର୍ଥ ମଧ୍ୟ ବ୍ୟୟ ହେଉଛି। ଏପରି କି ସାକ୍ଷରତା ହାର ବୃଦ୍ଧି ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮ରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି। ଏହା ସତ୍ତ୍ୱେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହୋଇପାରୁନି। ବିଶେଷକରି ଶିକ୍ଷକ ଥଇଥାନ ନୀତି ଯୋଗୁ ଶିକ୍ଷା ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ତେଣୁ ସରକାରୀ ଶିକ୍ଷାନୁଷ୍ଠାନରେ ଦିନକୁ ଦିନ ଉପସ୍ଥାନ ହ୍ରାସ ପାଉଛି। ପାରାଦୀପ ଶିଳ୍ପାଞ୍ଚଳକୁ ଦେଶର ପ୍ରଗତିର ମୁଖଶାଳା କୁହାଯାଉଛି, ଅଥଚ ପାରାଦୀପ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ରହିଛି। ଏଠାରେ ୧ମରୁ ୧୦ମ ଶ୍ରେଣୀ ଥିବା ୫୧ଟି ବିଦ୍ୟାଳୟ ରହିଛି। ସେଥିରେ ୧୮ଟି ସରକାରୀ ଓ ୩୩ଟି ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଉଚ୍ଚଶିକ୍ଷା ପାଇଁ କୌଣସି ଆଖିଦୃଶିଆ ବ୍ୟବସ୍ଥା ନାହିଁ କହିଲେ ଚଳେ। ଏକମାତ୍ର ପାରାଦୀପ କଲେଜ ଥିଲେ ହେଁ ସେଥିରେ ସବୁବେଳେ ସମସ୍ୟା ଲାଗି ରହିଛି। ୨୦୦୯-୧୦ ସୁଦ୍ଧା ସର୍ବଶିକ୍ଷା ଯୋଜନାରେ ଏଠାରେ ଚାଲିଥିବା ୧୨ ବିଦ୍ୟାଳୟରେ ୪୨୦୦ ଛାତ୍ରୀଛାତ୍ର ପଢୁଥିଲେ। କିନ୍ତୁ ୨୦୧୯ ଶିକ୍ଷାବର୍ଷ ବେଳକୁ ୧୨ ବିଦ୍ୟାଳୟରୁ ଗୋଟିଏ ବନ୍ଦ ହୋଇ ୧୧ ବିଦ୍ୟାଳୟ ରହିଛି ଓ ସେଥିରେ ମାତ୍ର ୯୪୦ ଛାତ୍ରୀଛାତ୍ର ଅଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଦ୍ୟାଳୟ ଓ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସଂଖ୍ୟା ବୃଦ୍ଧି ପାଇ ୬୩ରେ ପହଞ୍ଚିଛି। ୫୧ଟି ମୋଟ ବିଦ୍ୟାଳୟରେ ସମୁଦାୟ ୧୮୩୭୦ ଛାତ୍ରୀଛାତ୍ର ଥିବାବେଳେ ସେଥିରୁ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୨ଶହରୁ ୧୩ ଶହ ଭିତରେ ରହିଛି। ଏହି କ୍ରମରେ ଆଉ ଏକ ସରକାରୀ ବିଦ୍ୟାଳୟ ବନ୍ଦ ହେବା ଅବସ୍ଥାରେ ଅଛି। ତାହା ହେଲା ନୂଆବଜାରସ୍ଥିତ ମୁକ୍ତେଶ୍ୱର ପ୍ରାଥମିକ ବିଦ୍ୟାଳୟ। ୧୯୭୯ ଜୁଲାଇ ୧୫ରୁ ଚାଲିଥିବା ଏହି ସ୍କୁଲରେ ଏବେ ମାତ୍ର ୨୦ ଛାତ୍ରୀଛାତ୍ର ଥିବା ସରକାରୀ ରେକର୍ଡରେ ଦର୍ଶାଯାଇଛି। କିନ୍ତୁ ବାସ୍ତବରେ ଛାତ୍ରୀଛାତ୍ର ସଂଖ୍ୟା ୧୦ ଭିତରେ ରହିଛି। ମନ୍ଦିର ସଂଲଗ୍ନ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର କେବେ ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଇନାହାନ୍ତି। ଏହି ସ୍କୁଲଠାରୁ ୫୦୦ ମିଟର ଦୂରରେ ସଞ୍ଜୟ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟ ଥିଲେ ହେଁ ଏହାକୁ ମିଶ୍ରଣ କରିବାକୁ ଶିକ୍ଷା ବିଭାଗ ଉଚିତ୍ ମନେ କରିନାହିଁ। ଶିକ୍ଷୟିତ୍ରୀ ଥଇଥାନ ନୀତିରେ ଏହା ଚାଲିଛି ବୋଲି ଅଭିଯୋଗ ହୁଏ। ଏ ପ୍ରସଙ୍ଗରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଏହା ବନ୍ଦହେବା କଥା। କିନ୍ତୁ କିଛିଟା ଭୁଲ୍ ରିପୋର୍ଟ ଯୋଗୁ ତାହା ହୋଇପାରିନାହିଁ। ଆସନ୍ତା ମିଶ୍ରଣ ପ୍ରକ୍ରିୟାରେ ଜିଲାରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ସ୍କୁଲ ମିଶ୍ରଣ ହେବ। ସେତେବେଳେ ମୁକ୍ତେଶ୍ୱରକୁ ସଞ୍ଜୟ ଗାନ୍ଧୀ ସ୍କୁଲରେ ମିଶ୍ରଣ କରାଯିବ ବୋଲି ସେ କହିଛନ୍ତି। ଏକଦା ଜଗତ୍‌ସିଂହପୁର ଜିଲା ସାକ୍ଷରତା ହାରରେ ଆଗରେ ଥିଲା। କିନ୍ତୁ ସମୟକ୍ରମେ ଶିକ୍ଷା ବ୍ୟବସ୍ଥାରେ ରାଜନୀତିକରଣ ଓ ଶିକ୍ଷୟିତ୍ରୀ ଶିକ୍ଷକ ଥଇଥାନ ନୀତି ଯୋଗୁ ଶିକ୍ଷା ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ପୂର୍ବପରି ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ଦିଆଯାଉନାହିଁ ବୋଲି କୁହନ୍ତି ଶିକ୍ଷାବିତ୍ ରବି ସ୍ୱାଇଁ। ଏପରି ନିମ୍ନଗାମୀ ଶିକ୍ଷାନୀତିକୁ ପରିବର୍ତ୍ତନ କରିବାକୁ ହେଲେ ସଂସ୍କାର ଜରୁରୀ ବୋଲି ସେ କୁହନ୍ତି। ସେହିପରି ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ମିଶ୍ର କହିଛନ୍ତି ଯେ, ଭିଏତନାମ ଭଳି ଆମ ଦେଶରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଆବଶ୍ୟକ। ନଚେତ ଏହିଭଳି ଅଧୋଗତି ଲାଗି ରହିବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୯/୨୦୧୯ Bhubaneswar, Monday, September 9/2019

# ଜରାଜୀର୍ଣ୍ଣ ଅବସ୍ଥାରେ ପାରାଭାଡ଼ି ବୌଦ୍ଧ ସ୍ତୂପ

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ, ୮।୯**

ପ୍ରାଚୀନ ବୌଦ୍ଧ କୀର୍ତ୍ତୀରାଜି ପାଇଁ ଓଡ଼ିଶାର ସାରା ବିଶ୍ୱରେ ସ୍ୱତନ୍ତ୍ରତା ରହିଛି। ବହୁ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଥିଲାବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଲୋପ ପାଇବାକୁ ବସିଲାଣି। ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜି ମଧ୍ୟରେ ଓଡ଼ିଶାର ସର୍ବପୁରାତନ ଖ୍ରୀ.ପୂ. ୩ୟ ଶତାବ୍ଦୀର ବୌଦ୍ଧ ସ୍ତୂପ ହେଉଛି ପାରାଭାଡ଼ି। ଯାଜପୁର ଜିଲାର ବଡ଼ଚଣା ବ୍ଲକ ବନ୍ଦରେଶ୍ୱର ପାହାଡ଼ର ଶୀର୍ଷ ଦେଶରେ ରହିଛି ଏହି ବୌଦ୍ଧସ୍ତୂପ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ୧୯୯୪ ମସିହାରୁ ଏହାକୁ ନିଜ ଅଧୀନକୁ ନେଇଥିବାବେଳେ ଅଦ୍ୟାବଧି ଏହାର ଉତ୍‌ଖନନ କିମ୍ବା ସଂରକ୍ଷଣ କରାଯାଇ ନାହିଁ। ଭାରତ ବର୍ଷର ସବୁଠାରୁ ଉଚ୍ଚ ଶୃଙ୍ଗରେ ଥିବା ଏହି ବୌଦ୍ଧସ୍ତୂପ ଆଜି ବି ଅବହେଳିତ। ଯେଉଁଥି ପାଇଁ ସ୍ତୂପଟି ଭାଙ୍ଗିରୁଜି ଯିବା ସହ ଏହାର ପଥର ଖଣ୍ଡ ବିଚ୍ଛୁରିତ ହୋଇପଡ଼ିଛି।

ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ନିଜ ଅଧୀନକୁ ନେଇ ଏହାର ସୁରକ୍ଷା ଓ ସଂରକ୍ଷଣ କରିଛି। ମାତ୍ର ଏପର୍ଯ୍ୟନ୍ତ ପାରାଭାଡ଼ି ସ୍ତୂପର ସଂରକ୍ଷଣ କରାଯାଇ ପାରିନାହିଁ। ଐତିହାସିକଙ୍କ ମତରେ ଖ୍ରୀ.ପୂ. ୩ୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଦ୍ୱାରା ଏହି ସ୍ତୂପର ନିର୍ମାଣ କରାଯାଇଥିଲା। ଲଳିତଗିରିର ଲଣ୍ଡା ପାହାଡ଼ରେ ଥିବା ବୌଦ୍ଧ ସ୍ତୂପ ସହ ଏହା ସମକାଳୀନ ବୋଲି ସୂଚନା ମିଳିଛି। ଚୀନ ପରିବ୍ରାଜକ ହୁଏନ୍ ସାଂ ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଏହି ସ୍ତୂପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେଥିପାଇଁ ତାଙ୍କ ବର୍ଣ୍ଣିତ ସି-ୟୁ-କି ଗ୍ରନ୍ଥରେ ସେ ପାରାଭାଡ଼ି ସ୍ତୂପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହି ସ୍ତୂପକୁ ୧୯୯୪ ମସିହାରେ ଐତିହାସିକମାନେ ଲୋକ ଲୋଚନକୁ

- ଏହି ସ୍ତୂପ ଖ୍ରୀ.ପୂ. ୩ୟ ଶତାବ୍ଦୀରେ ନିର୍ମାଣ ହୋଇଥିଲା
- ୧୯୯୪ରୁ ନିଜ ଅଧୀନକୁ ନେଇଛି ପ୍ରତ୍ନତତ୍ତ୍ୱ ବିଭାଗ
- ଏଯାବତ୍ ହୋଇନି ଉତ୍‌ଖନନ କିମ୍ବା ସଂରକ୍ଷଣ

ଆଣିବା ସମୟରେ ଏହାର ଉଚ୍ଚତା ୪୦ଫୁଟ ଥିଲା। ଧିରେଧିରେ ସମ୍ପୃକ୍ତ ସ୍ତୂପଟି ଭାଙ୍ଗିରୁଜି ବର୍ତ୍ତମାନ ୨୦ଫୁଟ ଉଚ୍ଚତାରେ ସୀମିତ ରହିଯାଇଛି। ସାରନାଥ, ସାଞ୍ଚି, ନାଗାର୍ଜୁନ କୋଣ୍ଡା ଓ ଜାଭାର ବର୍ବୋଦରଠାରେ ଥିବା ମହାସ୍ତୂପଗୁଡ଼ିକ ସହ ପାରାଭାଡି ସ୍ତୂପ ସମାନ ବୋଲି ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି। ବୋଧଗୟାଠାରେ ଥିବା ବୋଧି ଦ୍ରୁମ ମହାବୋଧି ପ୍ରାପ୍ତି ହୋଇଥିବା ସିଦ୍ଧାର୍ଥ ଗୌତମ ଏହି ନାମରୁ ବୁଦ୍ଧ ନାମରେ ପରିଚିତ ହୋଇଥିଲେ। ପାରାବୋଧିର ଅପଭ୍ରଂଶରୁ ପାରାଭାଡି ସୃଷ୍ଟି ହୋଇଛି। ଲଳିତଗିରି ସହ ପଞ୍ଚଗିରି ଅନ୍ତର୍ଗତ ପାରାଭାଡି ପାହାଡ଼ ଉପରେ



ଯେଉଁ ସ୍ତୂପ ରହିଛି ତାହା ପାରାବୋଧି ନାମରେ ମଧ୍ୟ ପରିଚିତ। ଅସିହା ପର୍ବତମାଳା ଅଞ୍ଚଳରେ ରହୁଥିବା ଭଗବାନ ଗୌତମ ବୁଦ୍ଧଙ୍କ ପରମ ଶିଷ୍ୟ ତପସୁ ଓ ଭଲ୍ଲୁକ ଏହି ସ୍ତୂପ ନିର୍ମାଣରେ ସେ ସମୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ପୃଷ୍ଟି ପ୍ରକାଶ କରିଛନ୍ତି। ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଲଳିତ ଗିରିର ଲଣ୍ଡା ପାହାଡ଼ରେ ଥିବା ବୌଦ୍ଧ ସ୍ତୂପ ଏବଂ ପାରାଭାଡ଼ି ବୌଦ୍ଧ ସ୍ତୂପ ନିର୍ମାଣ କରାଯାଇଥିଲା। ସମ୍ରାଟ ଅଶୋକ ବିଶ୍ୱରେ ବୌଦ୍ଧ ଧର୍ମ ପ୍ରଚାର କରିବା ସହ ମୂଲ୍ୟବାନ ଦ୍ରବ୍ୟ ସ୍ତୂପଗୁଡ଼ିକରେ ସାଇତି ରଖିଥିଲେ। ଯାହାକି ଲଳିତଗିରିସ୍ଥିତ ବୌଦ୍ଧ ସ୍ତୂପରୁ ପ୍ରମାଣ ମିଳିଛି। ଲଳିତଗିରିରୁ ଭଗବାନ ବୁଦ୍ଧଙ୍କ ଅସ୍ଥି ପେଟିକା ମିଳିଥିଲା। ଯାହା ୩ଟି ଫରୁଆରେ ସଂରକ୍ଷିତ ହୋଇ ରହିଥିଲା। ପ୍ରଥମ କାଠ ଫରୁଆ, ତାପରେ ରୁପା ଫରୁଆ ଓ ଶେଷରେ ସୁନା ଫରୁଆରେ ଆବଦ୍ଧ ହୋଇ ରହିଥିବା ଏହି ଅସ୍ଥି ଏବେ ବୁଲେଟ ପ୍ରୁଫ୍ ମ୍ୟୁଜିୟମରେ ରହିଛି। ତେବେ ଏହି ପାରାଭାଡି ସ୍ତୂପ ମଧ୍ୟରେ କଣ ରହିଛି ତାହାକୁ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଅଦ୍ୟାବଧି ଉତ୍‌ଖନନ କରାଯାଇ ନାହିଁ କିମ୍ବା ଏହାର ପରୀସୀମାକୁ ଆବଦ୍ଧ କରାଯାଇ ନାହିଁ। ଏହି ପାହାଡ଼ର ଶୀର୍ଷରେ ରହିଥିବା ବୌଦ୍ଧ ସ୍ତୂପ ଓ କୀର୍ତ୍ତିରାଜି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ୨ଶହ ଏକର ସ୍ଥାନ ନିରୂପଣ କରିଥିଲେ ମଧ୍ୟ ନିଜ ଅଧୀନକୁ ନେଇପାରି ନାହିଁ। ଏହି ସ୍ତୂପ ମଧ୍ୟରେ ବହୁ କୀର୍ତ୍ତିରାଜି ରହିଥିବା ଐତିହାସିକମାନେ ଅନୁମାନ କରିଛନ୍ତି। ତୁରନ୍ତ ଏହାର ଉତ୍‌ଖନନ କରାଯିବା ସହ ସଂରକ୍ଷଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ଅଧୀକ୍ଷକ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରେ, ପାରାଭାଡ଼ି ସ୍ତୂପ ଖନନ ନେଇ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ନିର୍ଦ୍ଦେଶନାମା ହୋଇନାହିଁ। ଯଦି ଏଥିପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଆସେ ତେବେ ଏହାର ଉତ୍‌ଖନନ ଓ ସଂରକ୍ଷଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଲେ ୧୫ଶହ ଛାତ୍ରୀଛାତ୍ର

**ଚଣ୍ଡିଖୋଲ,୮।୯(ଡି.ଏନ.ଏ):** ଚଣ୍ଡିଖୋଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର, କେନ୍ଦ୍ରପଡ଼ା, କଟକ ଓ ଢେଙ୍କାନାଳ ଜିଲାରୁ ୧୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଜିଲାଗୁଡ଼ିକରେ ଥିବା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ ଅନୀଲ କୁମାର ଦାସ ସୂଚନା ଦେଇଛନ୍ତି। ରବିବାର ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ଅଧାପକ ଦିଲୀପ କୁମାର ନାୟକ, ଅଧାପକ ଅଭିମନ୍ୟୁ ରାଉତ, ଅମ୍ବିକା ପ୍ରସାଦ ମିଶ୍ର, ବାସୁଦେବ ଶତପଥୀ, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଅବିନାଶ ଜେନା, ଉପସଭାପତି ପ୍ରକାଶ ଚନ୍ଦ୍ର ନାୟକ, କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ହୋଟେଲରୁ କର୍ମଚାରୀ ନିଖୋଜ ଅଭିଯୋଗ

**ଯାଜପୁର ରୋଡ,୮।୯(ନି.ପ୍ର.):** କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବ୍ୟଞ୍ଜନ ନାମକ ହୋଟେଲର ଜଣେ କର୍ମଚାରୀ ଗତ ୨ ତାରିଖରୁ ନିଖୋଜ ଅଛନ୍ତି। ଏ ନେଇ ରବିବାର ହୋଟେଲ ମାଲିକ ସୁକିନ୍ଦା ଜେମାଦେଇପୁର ଗ୍ରାମର ରମେଶ ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତାଙ୍କ ହୋଟେଲରେ କାମକରୁଥିବା ବାମ୍ପିଲୋ ଗ୍ରାମର ସତ୍ୟାନନ୍ଦ ପରିଡା (୨୪) ଗତ ୨ ତାରିଖ ସକାଳେ ହେଟେଲରୁ ଶୌଚ କରିବାକୁ ଯାଇ ଆଉ ଫେରି ନାହାନ୍ତି।

### ନିଶାସକ୍ତ ଡ୍ରାଇଭର କୋର୍ଟ ଚାଲାଣ

**ଧର୍ମଶାଳା,୮।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ପୋଲିସ ଶନିବାର ରାତିରେ ଶ୍ରୀରାମପୁର ଟୋଲଗେଟଠାରେ ଗାଡି ଯାଞ୍ଚ କରିଥିଲା। ଏହି ସମୟରେ ୩୫ ଟ୍ରକ୍ ଡ୍ରାଇଭର,୨୫ କାର ଚାଳକ ଓ ୨୮ ବାଇକ ଚାଳକଙ୍କୁ ବ୍ରେଜ ଆନାଲାଇଜର ଯନ୍ତ୍ର ଜରିଆରେ ଯାଞ୍ଚ କରିଥିଲେ। ଏଥିରେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଗିରଫ ଟ୍ରକ୍ ଡ୍ରାଇଭର ଜଣଙ୍କ କେନ୍ଦ୍ରାପଡା ଅଞ୍ଚଳର ବ୍ରଜ ସୁନ୍ଦର ରଣା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ରବିବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ୧କୋଟିରେ ପହଞ୍ଚିଲାଣି ସରକାରୀ ଓକିଲଙ୍କ ବକେୟା ଅର୍ଥ

**ଯାଜପୁର ଟାଉନ,୮।୯(ଡ଼ିଏନଏ)**

ଯାଜପୁର ଜିଲାରେ ୪୦ରୁ ଊର୍ଦ୍ଧ୍ୱ ସରକାରୀ ଓକିଲ ଆଇନ ବିଭାଗ ପକ୍ଷରୁ ନିୟୋଜିତ କରାଯାଇଛି। ଏମାନଙ୍କୁ ମାସିକ ଭତ୍ତା ସହ ଦୈନିକ ଭତ୍ତା ପ୍ରଦାନ କରାଯାଇଥାଏ। ଯାଜପୁର ଜିଲା କୋର୍ଟ ବ୍ୟତୀତ ଚଣ୍ଡିଖୋଲ, ବ୍ୟାସନଗର କୋର୍ଟରେ ମଧ୍ୟ ସରକାରୀ ଓକିଲମାନେ ନିୟୋଜିତ ହୋଇଛନ୍ତି। ୨୦୧୬-୧୭ରୁ କିଛି ସରକାରୀ ଓକିଲଙ୍କ ପାଉଣା ବାକି ରହିଛି। ରବିବାର ସୁଦ୍ଧା ନିୟୋଜିତ ସରକାରୀ ଓକିଲଙ୍କ ବକେୟା ପାଉଣା ୧କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡିଛି। ପ୍ରାୟ ପ୍ରତ୍ୟେକ ଦିନ ସରକାରୀ ଓକିଲମାନେ ସରକାରଙ୍କ ତରଫରୁ ମାମଲା ଲଢ଼ିଥାନ୍ତି। ବେସରକାରୀ ମାମଲା ଲଢ଼ିବା ପାଇଁ ଏମାନଙ୍କୁ ଅନୁମତି ନ ଥାଏ। ଦୀର୍ଘଦିନ ଧରି ସରକାରୀ ଓକିଲମାନେ କାମ କରି ପାଉଣା ପାଉ ନ ଥିବାରୁ ଅସନ୍ତୋଷ କୁହୁଳୁଛି। ରାଜ୍ୟ ଆଇନ୍ ବିଭାଗ ଦ୍ୱାରା ନିୟୋଜିତ ସରକାରୀ ଓକିଲମାନେ ସେମାନଙ୍କ ବୈଧ କାର୍ଯ୍ୟ ଏବଂ ବିଲ୍ କାଗଜପତ୍ର ଜିଲା କାର୍ଯ୍ୟାଳୟରେ ଦାଖଲ କରୁଥିଲେ ମଧ୍ୟ ଅର୍ଥ ଆସୁ ନ ଥିବାରୁ ସେମାନଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଇପାରୁ ନାହିଁ। କିଛି ସରକାରୀ ଓକିଲ ରାଜ୍ୟ ଆଇନ୍ ବିଭାଗକୁ ନିଜସ୍ୱ ବିଲ୍ ଅର୍ଥ ପାଇବା ପାଇଁ ଅନୁରୋଧ କରି ପତ୍ର ଲେଖିଥିବା ଜଣାପଡିଛି।

# ବ୍ରାହ୍ମଣୀରେ ପ୍ରଥମ ବନ୍ୟାଜଳ

**ରସୁଲପୁର/ଧର୍ମଶାଳା,୮।୯(ଡିଏନଏ)**

ଯାଜପୁର ଜିଲାର ରସୁଲପୁର ଓ ଧର୍ମଶାଳା ବ୍ଲକ ସୀମାଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ ଚଳିତବର୍ଷ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ରେଙ୍ଗାଲି ଡ୍ୟାମରୁ ରବିବାର ସକାଳ ୯ଟା ୧୦ ମିନିଟରେ ଗୋଟିଏ ଗେଟ୍ ଖୋଲାଯାଇଛି। ଏହି ଗେଟ୍‌ଦେଇ ୨୦୧୬.୫୦ କ୍ୟୁସେକ୍ ଜଳ ଛଡାଯାଇଛି। ଏହି ଜଳ ଜେନାପୁର ବ୍ୟାରେଜ ନିକଟରେ ପହଞ୍ଚି ନାହିଁ। ଏହା ସୋମବାର ପ୍ରବାହିତ ହେବ ବୋଲି ଜାରକା ନିର୍ବାହୟନ୍ତ୍ରୀ ବାମାପ୍ରସାଦ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ରବିବାର ସମଲେଇ ବ୍ୟାରେଜରୁ ବନ୍ୟା ଜଳ ଛଡ଼ାଯିବା ପରେ ବ୍ରାହ୍ମଣୀ ନଦୀ ଫୁଲି ଉଠିଛି। ସମଲେଇ ବ୍ୟାରେଜ ପାଣି ଆସି ପହଞ୍ଚିବା ପରେ ଜେନାପୁର ବ୍ୟାରେଜ ନିକଟରେ ଜଳସ୍ତର ୬୧.୯୦ ଘନଫୁଟ୍ ରହିଛି। ରବିବାର ସକାଳେ ନଦୀ ଜଳସ୍ତର ବଢୁଥିଲା। ମାତ୍ର ଅପରାହ୍ନରେ ଜଳସ୍ତର ସ୍ଥିର ରହିଛି। ରେଙ୍ଗାଲିରୁ ଛଡାଯାଇଥିବା ପାଣି ପହଞ୍ଚିବା ପରେ ଜଳସ୍ତର ଆଉ ଅଧିକ ୨ଫୁଟ୍ ପର୍ଯ୍ୟନ୍ତ ବଢିପାରେ। ଏହାଛାଡା ପାଣି ପହଞ୍ଚିବା ବେଳକୁ ପୂର୍ବରୁ ଆସିଥିବା ବନ୍ୟାଜଳ ସ୍ତର



ବନ୍ୟାଜଳ ପ୍ରବେଶ କରିବା ପରେ ଫୁଲିଛି ବ୍ରାହ୍ମଣୀ।

ତଳକୁ ଖସି ଯାଇଥିବ। ତେଣୁ ରେଙ୍ଗାଲି ପାଣିକୁ ନେଇ ଆତଙ୍କିତ ହେବାରେ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ବରୀ ବ୍ଲକ କିଛି ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଜଳସେବା ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ହୃଷିକେଶ ମିଶ୍ର, ଜାରକା ନିର୍ବାହୀ ଯନ୍ତ୍ରୀ ବିଶ୍ୱାଳ, ବରୀ ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ, ଚଣ୍ଡିଖୋଲ ସହକାରୀ ଯନ୍ତ୍ରୀ ପ୍ରଭାତ ଦାସ ପ୍ରମୁଖ ବରୀ ବ୍ଲକଦେଇ ପ୍ରବାହିତ ହୋଇଥିବା ବ୍ରାହ୍ମଣୀ, କେଲୁଅ ଓ ବିରୁପା ନଦୀବନ୍ଧର ଉଭୟ ପାର୍ଶ୍ୱ ପରିଦର୍ଶନ କରିଛନ୍ତି। ନଦୀବନ୍ଧରେ ଘୋଳିଆ ହେବାକୁ ଆଖି ଆଗରେ ରଖି ଆବଶ୍ୟକ ପରିମାଣର ବାଲି, ସିମେଣ୍ଟ ବସ୍ତା ଓ ତଲେଇ ମହଜୁଦ ରଖାଯାଇଥିବା ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ଗଣେଶ ପୂଜା ଭସାଣିରେ ମହିଳା କଳାକାରଙ୍କୁ ଅସଦାଚରଣ

**ବାଲିଚନ୍ଦ୍ରପୁର,୮।୯(ସ୍ୱ.ପ୍ର)**

ଗଣେଶ ପୂଜା ଭସାଣିରେ ମହିଳା କଳାକାରଙ୍କୁ ନିଶାଶକ୍ତ ଯୁବକମାନେ ଅସଦାଚରଣ କରିଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ବରଦା ସୁନାପାଳ ଗ୍ରାମରେ ଗଣେଶ ପୂଜା ଭସାଣି ଚାଲିଥିଲା। ଏଥିରେ ଗଞ୍ଜାମ ଜିଲାର ଜଣେ ମହିଳା କଳାକାର ଭାଗ ନେଇଥିଲେ। ମହିଳା ଜଣକ ମଞ୍ଚରେ କାର୍ଯ୍ୟକ୍ରମ ପରିବେଷଣ କରୁଥିବାବେଳେ ଗ୍ରାମର କେତେଜଣ ନିଶାସକ୍ତ ଯୁବକ ମଞ୍ଚ ଉପରକୁ ଚଢି ମହିଳାଙ୍କୁ ଅଶ୍ଳୀଳ ଆଚରଣ କରିଥିଲେ। ଫଳରେ ମହିଳାଙ୍କ ବିରୋଧ ସତ୍ତ୍ୱେ ଯୁବକମାନେ ଆଚରଣରୁ ବିରତ ହୋଇ ନ ଥିଲେ। କେତେଜଣ ଗ୍ରାମବାସୀ ଯୁବକଙ୍କୁ କାବୁ କରି ସେଠାରୁ ବିଦା କରିଥିଲେ। ଏନେଇ ମହିଳାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୨୨୪/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା: ପୁଅ କୋର୍ଟଚାଲାଣ

**ଦଶରଥପୁର,୮।୯(ଡିଏନ୍ଏ)**

**ପୁଅଙ୍କ ନିର୍ଯାତନା ସହି ନ ପାରି କରିଥିଲେ ଆତ୍ମହତ୍ୟା**

ପୁଅ ବୋହୂଙ୍କ ନିର୍ଯାତନା ସହି ନ ପାରି ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ ନିଜାମପୁର ପଞ୍ଚାୟତ କୋଟପୁର ଗ୍ରାମର ଘନଶ୍ୟାମ ଖଟୁଆ (୬୮) ଏବଂ ତାଙ୍କ ସ୍ତ୍ରୀ ତାରାମଣି (୬୫) ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ମଙ୍ଗଳପୁର ପୋଲିସ ପୁଅ ଘନଶ୍ୟାମଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନା ଥାଉକି, ଘନଶ୍ୟାମ ଓ ତାରାମଣିଙ୍କ ଏକମାତ୍ର ପୁଅ ପ୍ରଭାତ ଗତ ବୁଧବାର ସ୍ତ୍ରୀଙ୍କ ସପକ୍ଷରେ ମା'ବାପାଙ୍କୁ ଗାଳିଗୁଲଜ କରିଥିଲେ। ପୂର୍ବରୁ ସେ ମା'ବାପାଙ୍କୁ ଅଲଗା କରିଦେଇଥିବାବେଳେ ଉଭୟଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ଉଭୟ ମା'ବାପା ପୁଅ ବୋହୂଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ଆତ୍ମହତ୍ୟାର ରାସ୍ତା ବାଛି ନେଇଥିଲେ। ଘରଠାରୁ ୪ଶହ ମିଟର ଦୂର ଡାହାରା ଆଡି ଗ୍ରାମର ଶ୍ମଶାନଠାରେ ଥିବା ଏକ ବରଗଛରେ ତାରାମଣି ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବାବେଳେ ଘନଶ୍ୟାମ ସେଠାରେ ବିଷ ପିଇ ଦେଇଥିଲେ। ଘନଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୨୩୭/୧୯) ରୁଜୁ କରି ଆତ୍ମହତ୍ୟା ପାଇଁ ମା'ବାପାଙ୍କୁ ପରୋକ୍ଷରେ ବାଧ କରିଥିବା ପୁଅ ପ୍ରଭାତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ସଂଖ୍ୟାଲଘୁଙ୍କ ପ୍ରତିବାଦକୁ ଭାଜପା ମଣ୍ଡଳ ପକ୍ଷରୁ ବିରୋଧ

**ରସୁଲପୁର,୮।୯(ଡିଏନଏ)**

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଛକସ୍ଥିତ ବ୍ରହ୍ମବରଦା ମଣ୍ଡଳ ଅଧୀନ ଉତ୍କଳମଣି କ୍ଲବ ପରିସରରେ ଜିଲା ପରିଷଦ ସଭ୍ୟ ଚତୁର୍ଭୁଜ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୨ ତାରିଖରେ ବରୀ ବ୍ଲକ ପ୍ରାକ୍ତନ ବିଜେଡି ସଭାପତି ଏସ.କେ ସଫିକଉଦ୍ଦିନ (ଟାଲି) ଦେଇଥିବା ମନ୍ତବ୍ୟକୁ ବ୍ରହ୍ମବରଦା ଓ ମହେଶ୍ୱପୁର ପଞ୍ଚାୟତର ମୁସଲିମ୍ ସମ୍ପ୍ରଦାୟ ବିରୋଧ କରିଥିଲେ। ପ୍ରାକ୍ତନ ସଭାପତି ୩୭୦ ଧାରା ଉଚ୍ଛେଦ ଓ ତିନି ତଲାଖ ଆଇନ୍‌କୁ ନେଇ ଦେଇଥିବା ମନ୍ତବ୍ୟ ତାଙ୍କ ନିଜସ୍ୱ ବୋଲି କହି ପଞ୍ଚାୟତବାସୀ କଡ଼ା ସମାଲୋଚନା କରିଥିଲେ। ଉକ୍ତ ଟିପ୍ପଣୀକୁ ଭାଜପା ବ୍ରହ୍ମବରଦା ମଣ୍ଡଳ ବିରୋଧ କରିଛି। ଏହାଛଡା ରାଜ୍ୟ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନୀତିକୁ ଖୋଲା ସମର୍ଥନ କରୁଥିବାବେଳେ ଏହି ଦୁଇ ପଞ୍ଚାୟତର କେତେଜଣ ବିଜେଡି ନେତା ଏହାକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ୩୬ନଂ ଜୋନ୍ ପ୍ରଭାରୀ ମୁକୁନ୍ଦଦେବ ମହାନ୍ତି, ଜୋନ ସଭାପତି ତ୍ରୈଲୋକ୍ୟ ପୃଷ୍ଟି, ବ୍ରହ୍ମବରଦା ପଞ୍ଚାୟତ ସଭାପତି ଅତୁଲ୍ୟ କୁମାର ରାଉତ, ପ୍ରଥମାଖଣ୍ଡି ସଭାପତି ସୂର୍ଯ୍ୟମଣି ମହାନ୍ତି, ରାକେଶ ଚନ୍ଦ୍ର ତ୍ରିପାଠୀ, ନବଘନ ପାଣ୍ଡେ, ଅଶ୍ୱିନୀ ନାୟକ, ଚିତରଞ୍ଜନ ନାୟକ, ଉତ୍କଳ ସାହୁ, ପ୍ରଶାନ୍ତ ମୁଦୁଲି, ନିରଞ୍ଜନ ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଏହି ମତ ରଖିଛନ୍ତି।




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତା।

# ଚିନ୍ତା ବଢ଼ାଇଛି ଗୋ-ବସନ୍ତ ରୋଗ

**ରସୁଲପୁର,୮।୯(ଡିଏନଏ)**

- ବାଂଲାଦେଶରୁ ଡେଇଁଛି ଏହି ରୋଗ
- ରସୁଲପୁର ବ୍ଲକରେ ଅର୍ଦ୍ଧାଧିକ ପଞ୍ଚାୟତର ଗୋରୁ ଆକ୍ରାନ୍ତ
- ମାଗଣା ଚିକିତ୍ସା ଦାବି

ବିଦେଶୀ ରୋଗ ଗୋ-ବସନ୍ତ ଭାରତରେ ପ୍ରବେଶ କରିଛି। ଏହି ରୋଗ ପଡୋଶୀ ଦେଶ ବାଂଲାଦେଶରୁ ଭାରତକୁ ଡେଇଁଥିବା ଅନୁମାନ କରାଯାଉଛି। ମଣିଷମାନଙ୍କଠାରେ ହାଡଫୁଟି ରୋଗ ଭଳି ପ୍ରାଣୀମାନଙ୍କଠାରେ ଗୋ-ବସନ୍ତ ରୋଗ ଦେଖାଦେଇଥାଏ ବୋଲି ପ୍ରାଣୀ ଚିକିତ୍ସାଧିକାରୀଙ୍କଠାରୁ ସୂଚନା ମିଳିଛି। ଏହି ରୋଗ ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାପିବାରେ ଲାଗିଛି। ଯାହାକୁ ନେଇ ପ୍ରାଣୀ ଚିକିତ୍ସାଧିକାରୀ ଓ ପ୍ରାଣୀ ପାଳକଙ୍କ ଚିନ୍ତା ବଢି ଯାଇଛି। ଏକ ଡିଆଁ ରୋଗଭାବେ ଏହା କ୍ରମଶଃ ଓଡ଼ିଶାର ସୀମାବର୍ତ୍ତୀ ଜିଲା ଦେଇ ଉତ୍ତର ଓଡ଼ିଶା ଓ ଆଭ୍ୟନ୍ତରୀଣ ଜିଲାକୁ ବ୍ୟାପୀ ଗଲାଣି। ବିଶେଷ କରି ପାହାଡ଼ିଆ ଅଞ୍ଚଳରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଦେଖାଯାଉଛି। ଏହାଛଡା ସମତଳ ଅଞ୍ଚଳର ଗୋରୁ ଏହି ରୋଗରେ ଦିନକୁ ଦିନ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏହିକ୍ରମରେ ଦେଖିବାକୁ ଗଲେ ଯାଜପୁର ଜିଲାର ଗୋ-ସମ୍ପଦ ପ୍ରତି ବିପଦ ସୃଷ୍ଟି ହୋଇଛି। ସେଥିରୁ ରସୁଲପୁର ବ୍ଲକର ଅର୍ଦ୍ଧାଧିକ ପଞ୍ଚାୟତରେ ଏହି ରୋଗ ଭୟଙ୍କର ରୂପ ଧାରଣ କରିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ସହ ମହାମାରୀ ରୂପ ଧାରଣ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ବର୍ଷା ଦିନିଆ ରୋଗ ଫାଟୁଆ ପାଇଁ ଟୀକାକରଣ ପ୍ରକ୍ରିୟା ଚାଲୁଥିବାବେଳେ ଶିବିରକୁ ଗୋ-ବସନ୍ତ ଆକ୍ରାନ୍ତ ଗୋରୁଙ୍କ ସଂଖ୍ୟା ବଢିବାରେ ଲାଗିଛି।

୨୦୧୧ ଗୋ-ଗଣନା ଅନୁସାରେ ଏହି ବ୍ଲକର ୨୮ ପଞ୍ଚାୟତରେ ୪୨ହଜାର ଗୋରୁ ରହିଛନ୍ତି। ସେଥିରୁ ଶ୍ରୀବନ୍ତପୁର, ଜାବରା, କଳଣ, ନଠୁଆବର, ପହଁଗା, ରସୁଲପୁର ଆଦି ପଞ୍ଚାୟତର ଶତାଧିକ ଗୋରୁ ଗୋ-ବସନ୍ତ ରୋଗରେ ପୀଡିତ। ଆକ୍ରାନ୍ତ ଗୋରୁଙ୍କ ଚିକିତ୍ସା ଆରମ୍ଭ ହୋଇଛି। ଏହା ଏକ ଡିଆଁରୋଗ ହୋଇଥିବାରୁ ପରବର୍ତ୍ତୀ ଅବସ୍ଥାରେ ଅନ୍ୟ ଗୋରୁଙ୍କୁ ଉକ୍ତ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଆକ୍ରାନ୍ତ ଗୋରୁଙ୍କ ଶରୀରରେ ବଡ଼ବଡ଼ ଘା' ହୋଇଯାଉଛି। ଘା'ଗୁଡ଼ିକ ଏକ ସପ୍ତାହ ପରେ ପାଚି ଯାଉଛି। ସେଗୁଡ଼ିକ ଫାଟି ରକ୍ତ ବାହାରିବା ସହ ଶରୀରରେ କ୍ଷତ ସୃଷ୍ଟି ହେଉଛି। ଆକ୍ରାନ୍ତ ଗୋରୁଙ୍କୁ ପୃଥକଭାବେ ରଖିବା, ଗୋରୁ ଗୁହାଳଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଓଦା ଓ ସନ୍ତସନ୍ତିଆ ସ୍ଥାନରୁ ଗୁହାଳକୁ ଅନ୍ୟସ୍ଥାନକୁ ସ୍ଥାନନ୍ତରିତ କରିବା, ଗୁହାଳରେ ମଶା, ଡାଆଁସକୁ ଦୂରେଇ ରଖିବା ପାଇଁ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବା, ଆକ୍ରାନ୍ତଙ୍କ କ୍ଷତ ସ୍ଥାନକୁ ଘରୋଇ ଉପଚାର ଭାବେ ହଳଦୀ, ଲିମ୍ବପତ୍ର ବାଟି ଲଗାଇବା ପାଇଁ ପ୍ରାଣୀପାଳକଙ୍କୁ ପରାମର୍ଶ ଦିଆଯାଉଛି। ଏହାଛଡା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା



ପ୍ରାଣୀଚିକିତ୍ସକମାନେ ଗୋରୁର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଛନ୍ତି।

ଗାଡ଼ି ତରଫରୁ ଗାଁ ଗାଁ ବୁଲି ଏ ସମ୍ପର୍କରେ ସତର୍କତାମୂଳକ ସୂଚନା ପ୍ରଦାନ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ଗର୍ଭବତୀ ଗାଈଗୁଡ଼ିକର ଗର୍ଭପାତ ହେବାର ସମ୍ଭାବନା ରହିଛି। ଦୁହାଁଳିଆ ଗାଈକୁ ଏହି ରୋଗ ହେଲେ କ୍ଷୀର ଦେବା କ୍ଷମତା ହ୍ରାସ ପାଇବା ସହ ବାଛୁରୀଙ୍କ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ ବୋଲି ମନେ କରାଯାଉଛି। ଏ ଦିଗରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ଉକ୍ତ ପ୍ରସଙ୍ଗରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଭୁବନେଶ୍ୱର ନିକଟସ୍ଥ ଫୁଲନଖରାସ୍ଥିତ ପ୍ରାଣୀ ଚିକିତ୍ସା ଗବେଷଣା କେନ୍ଦ୍ରକୁ ଏନେଇ ଅବଗତ କରାଯିବା ପରେ ଏକ ଦଳ ଜିଲା ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଅନୁସନ୍ଧାନକାରୀ ଦଳ ଜିଲାରେ ଆକ୍ରାନ୍ତ ଗୋରୁଙ୍କ ପରିସ୍ରା ଓ ଲାଳର ନମୁନା ସଂଗ୍ରହ କରିଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ପ୍ରାଣୀ ପାଳକଙ୍କ ରୋଜଗାର ପନ୍ଥା ପ୍ରଭାବିତ ହୋଇଛି। ଉକ୍ତ ରୋଗର ନିରାକରଣ ପାଇଁ ସରକାରୀ ଔଷଧ ମାଗଣାରେ ଯୋଗାଇ ଦେବା, ଗାଁ ଗାଁରେ ଚିକିତ୍ସା ଶିବିର ଜରିଆରେ ମାଗଣା ଚିକିତ୍ସା ଓ ଲାବ୍ରୋଟାରୀ ପରୀକ୍ଷା କରାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁନାକର ସାମଲଙ୍କୁ ପଚାରିବାରୁ, ଗୋ-ବସନ୍ତ ଏକ ଭୂତାଣୁଜନିତ ରୋଗ ଏବଂ ଏହା ପ୍ରଥମଥର ପାଇଁ ଓଡ଼ିଶାରେ ଦେଖାଦେଇଛି। ଏହା ବିଦେଶରୁ ଆସିଛି। ଉତ୍ତର ଓଡ଼ିଶାର ସୀମାବର୍ତ୍ତୀ ଜିଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଦେଇ ଯାଜପୁରକୁ ଆସିଛି ବୋଲି ପ୍ରକାଶ କରିଛନ୍ତି। ଏହି ରୋଗରେ ଆକ୍ରାନ୍ତ ଗୋରୁଙ୍କଠାରେ ପ୍ରଥମେ ଜ୍ୱର ହେବା ସହ ମୁହଁ ଓ ଘଣ୍ଟିକା ଫୁଲି ଯାଏ। ପାଟିରୁ ଲାଳ ଗଡିବା ସହ ଗୋରୁଗାଈଙ୍କ ଖାଇବାରେ ଅସୁବିଧା ସୃଷ୍ଟି ହୁଏ। ଏ ଦିଗରେ ପ୍ରାଣୀପାଳକମାନେ ସତର୍କତା ଅବଲମ୍ବନ କରିବା ସହ ଆକ୍ରାନ୍ତକୁ ଚିକିତ୍ସା କରାଇବା ଓ ସତର୍କତା ଅବଲମ୍ବନ କରିବା ଦିଗରେ ଗୁରୁତ୍ୱ ଦେବା ନିହାତି ଦରକାର ବୋଲି ପ୍ରକାଶ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



❝ ବିପଦରେ ପଡି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ୨ ଆହତ

**ଖଣ୍ଡପଡା,୮।୯(ସ୍ୱ.ପ୍ର.):** କଣ୍ଟିଲୋ ପଲଟନ ପଡିଆ ନିକଟରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ୨ଜଣ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଭାପୁର ବ୍ଲକ ପଥରଚକଡା ଗ୍ରାମର ଦୀପକ ସ୍ୱାଇଁ (୨୫) କୌଣସି କାର୍ଯ୍ୟରେ କଣ୍ଟିଲୋ ଯାଉଥିଲେ। ଏହି ସମୟରେ କଣ୍ଟିଲୋ ଚନ୍ଦନ ନଗର (ନୀଳମାଧବ ବିଦ୍ୟାପୀଠ ନିକଟ) ରାସ୍ତା ପାଖରେ ରହୁଥିବା ଜଗନ୍ନାଥ ବେହେରା(୬୫) କୌଣସି କାର୍ଯ୍ୟରେ ବାହାରକୁ ଯାଉଥିବା ବେଳେ ହଠାତ୍ ଉକ୍ତ ବାଇକ୍ ଧକ୍କାରେ ଛିଟିକି ପଡିଥିଲେ। ଦୁର୍ଘଟଣାରେ ଜଗନ୍ନାଥଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ବାଇକ ଚାଳକ ଦୀପକଙ୍କ ଆଖିରେ ଉପରେ କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ ସ୍ଥାନୀୟ ଲୋକେ କଣ୍ଟିଲୋ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ରାମ ଜେଠ୍ ମାଲାନୀଙ୍କ ବିୟୋଗରେ ଶୋକ

**ଖଣ୍ଡପଡା, ୮।୯(ସ୍ୱ.ପ୍ର.):** ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାମ ଜେଠ୍ ମାଲାନୀଙ୍କ ବିୟୋଗରେ ରବିବାର ଖଣ୍ଡପଡା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଖଣ୍ଡପଡା ବାର ଆସୋସିଏଶନ ସଦସ୍ୟମାନେ ଶୋକ ପ୍ରକାଶ କରି ସ୍ୱର୍ଗତ ଜେଠ୍ ମାଲାନୀ ଜଣେ ଦକ୍ଷ ଆଇନଜ୍ଞ ଭାବେ ଜଣାଶୁଣା ଥିଲେ ଓ ତାଙ୍କ ବିୟୋଗରେ ଦେଶର ଅପୂରଣୀୟ କ୍ଷତି ଘଟିଲା ବୋଲି ଦର୍ଶାଇଥିଲେ।

## ମହାନଦୀ ଜଳସ୍ତର: ସକାଳେ ଛିଡୁଛି, ସନ୍ଧ୍ୟାରେ ବଢୁଛି

# ୨ଦିନ ଧରି ରାସ୍ତା ଉପରେ ବନ୍ୟାଜଳ

ଗଣିଆ,୮।୯ (ଡି.ଏନ.ଏ.)

ଗତ ୪ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ଗତ ଶନିବାର ଅପରାହ୍ଣରେ ମହାନଦୀରେ ବନ୍ୟାପାଣି ଆସି ନୟାଗଡ଼ ଜିଲା ଗଣିଆ ବ୍ଲକର ଗଣିଆ-ବଡମୂଳ ପୂର୍ତ୍ତ ରାସ୍ତାର ରାସଙ୍ଗ, କାଦୁଆ, କଳାପାଟ ପୀଠ, ଛାମୁଣ୍ଡିଆ ନିକଟସ୍ଥ କଶୀନାଳ, ବାରନାଳିଆ, ମୁଦୁଲିଗାଡିଆ, ମଙ୍ଗାନାସୀଠାରେ ରାସ୍ତା ଉପରେ ୨ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିଲା। ରବିବାର ସକାଳେ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଥିଲା । ତେବେ ମଧ୍ୟାହ୍ନ ସମୟରୁ ପୁଣିଥରେ ବୃଦ୍ଧି ପାଇବାରୁ ଉପରୋକ୍ତ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖାଯାଇଛି। ଲଗାଣ ବର୍ଷା ସାଙ୍ଗକୁ ହୀରାକୁଦ ନଦୀବନ୍ଧରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଜଳସ୍ତର ବଢିବାରେ ଲାଗିଛି। ହୀରାକୁଦ ନଦୀବନ୍ଧ ବୁର୍ଲା ଡିଭିଜନର ଗଣିଆ ବ୍ଲକ ବଡମୂଳଠାରେ ଥିବା ଗେଜ୍ ସାଇଟରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳ ୬ଟା ସମୟରେ ମହାନୀର ଜଳସ୍ତର ୩୧ଫୁଟ ରହିଥିଲା। ଏହାର ୬ଘଣ୍ଟା ପରେ ମଧ୍ୟାହ୍ନ ୧୨ଟା ସମୟରେ ଏହା ୩୧ଫୁଟ ୬ଇଞ୍ଚକୁ ବୃଦ୍ଧି ପାଇଥିଲା । ସେହିପରି ଅପରାହ୍ଣ ୬ଟା ସୁଦ୍ଧା ୩୨ଫୁଟ ୧୦ ଇଞ୍ଚକୁ ବୃଦ୍ଧି ପାଇଥିଲା । ଏଠାରେ ବିପଦସଙ୍କେତ ୩୫ଫୁଟ ରହିଥିବା ଜଣାପଡିଛି । ଲଗାଣ ବର୍ଷା ଜାରି ରହିଲେ ଗଣିଆ ବ୍ଲକରେ ବଡ ଧରଣର ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଗତ ୨ଦିନ ଧରି ବନ୍ୟାଜଳ ରାସଙ୍ଗ, ଛାମୁଣ୍ଡିଆ, ପତୁରିଆ ଆଦି ଗ୍ରାମର ଗହୀର ବିଲରେ ଚାଷ ହୋଇଥିବା ଧାନଗଛ ବୁଡାଇ ରଖିଛି । ସେହିପରି ମହାନଦୀ କୂଳରେ ଚାଷ ହୋଇଥିବା ବିଭିନ୍ନ ପରିବା ଫସଲ ମଧ୍ୟ ବନ୍ୟାପାଣିରେ ବୁଡି ନଷ୍ଟ ହେବାକୁ ବସିଲାଣି । ୨ଦିନ ଧରି ମହାନଦୀର ଜଳସ୍ତର କମିବା ଓ ବଢିବାକୁ ନେଇ ନଦୀକୂଳିଆ ବାସିନ୍ଦାଙ୍କ ମନରେ ଏକପ୍ରକାର ବନ୍ୟା ଆଶଙ୍କା ଦେଖାଦେଇଛି।



ରାସଙ୍ଗଠାରେ ରାସ୍ତା ଉପରେ ପ୍ରବାହିତ ବନ୍ୟାଜଳ।

## ଗୋଟିଏ ଜୁଇରେ ଜଳିଲା ଦମ୍ପତିଙ୍କ ମୃତଦେହ

ନୟାଗଡ଼ ଅଫିସ,୮।୯

ରବିବାର ନୟାଗଡ଼ ଜିଲା ସଦର ବ୍ଲକ ବାଉଁଶିଆପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଜୁଇରେ ଦମ୍ପତିଙ୍କ ମୃତଦେହ ଜଳିବାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗ୍ରାମର ଅଇଁଠା ନାୟକ (୭୫) ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଏପରିସ୍ଥଳେ ରବିବାର ତାଙ୍କ ସ୍ତ୍ରୀ ସୁକୁରୀ ନାୟକ(୭୦) ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏହି ଘଟଣା ଶୁଣିବା ପରେ ଅଇଁଠାଙ୍କର ହଠାତ୍ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ପ୍ରାଥମିକ ଚିକିତ୍ସା ପରେ ସୁକୁରୀ ଘରକୁ ଫେରିଥିଲେ। ଘରେ ସ୍ୱାମୀ ଅଇଁଠାଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ତାଙ୍କର ମଧ ମୃତ୍ୟୁ ଘଟିଥିଲା। ପରେ ପରିବାର ଲୋକେ ଗ୍ରାମ ଶ୍ମଶାନରେ ଗୋଟିଏ ଜୁଇରେ ଉଭୟଙ୍କ ମୃତଦେହ ଦାହ କରିଥିଲେ। ଘଟଣା ଜଣାପଡ଼ିବା ପରେ ଦମ୍ପତିଙ୍କ ପରସ୍ପର ପ୍ରତି ଭଲ ପାଇବାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ଗୋଟିଏ ଜୁଇରେ ଦମ୍ପତିଙ୍କ ମୃତଦେହ ଦାହ କରାଯାଉଛି।

## ଶାଗୁଆନ କାଠ ଜବତ, ଜଣେ ଗିରଫ

ଦଶପଲ୍ଲା,୮।୯ (ଡି.ଏନ୍.ଏ.)

ଦଶପଲ୍ଲା ବନ ବିଭାଗ ତରଫରୁ ସ୍ଥାନୀୟ କୁଆଁରିଆ ଡ୍ୟାମସ୍ଥିତ ବଙ୍ଗଳା ସମ୍ମୁଖରେ ଚଢ଼ାଉ କରାଯାଇ ଶାଗୁଆନ କାଠ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସିଦ୍ଧାନ୍ତ ବେହେରା। ବନ ବିଭାଗ କର୍ମଚାରୀ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ଡ୍ୟାମଠାରେ ସିଦ୍ଧାନ୍ତ ଶାଗୁଆନ କାଠ ନେଇ ଯାଉଥିବା ଦେଖିଥିଲେ। ସେମାନେ ତାଙ୍କୁ ଗିରଫ କରି ତାଙ୍କଠାରୁ ୧୫ ସିଏଫ୍‌ଟି ୫ ଖଣ୍ଡ ଶାଗୁଆନ କାଠ ଜବତ କରିଥିଲେ। ଏହି ଚଢ଼ାଉରେ ଫରେଷ୍ଟର ମନୋଜ ପ୍ରଭାକର ସାହୁ, ବବୁଲ ସାହୁ, ରାଜେଶ କୁମାର ସାହୁ, ଫରେଷ୍ଟଗାର୍ଡ ସନ୍ତୋଷ ଦୋରା ଓ ପ୍ରସନ୍ନ କହଁର ପ୍ରମୁଖ ସାମିଲ ହୋଇଥିଲେ। ସିଦ୍ଧାନ୍ତଙ୍କୁ ରବିବାର ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଛି। ଜବତ କାଠର ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।



ଗିରଫ ଅଭିଯୁକ୍ତ, ଜବତ କାଠ।


**ALAKA MAHABIDYALAYA**
**ANANTABATA, ANAKHIA, JAGATSINGHPUR, 754102**

Interested candidates securing atleast 55% at the P.G. Level may apply the undersigned alongwith copies of all certificates for the appointment of **Lecturers in Pol-Science, Odia, Economics, Sanskrit, Mathematics & English on contractual basis**, so as to reach the Office of the Principal latest by 16.09.2019.

*Sd./-*
*Principal cum Secretary*


## ପୂର୍ବ ଶତ୍ରୁତାରୁ ଆକ୍ରମଣ, ୭ ଜଣଙ୍କ ନାମରେ ମାମଲା

ଖଣ୍ଡପଡା, ୮।୯(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାରୁ ଆକ୍ରମଣ ଅଭିଯୋଗରେ ଖଣ୍ଡପଡା ପୋଲିସ ୭ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଖଣ୍ଡପଡା ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଖଳିସାହି ଗ୍ରାମ ବିଟ୍‌ସାହିର ଫକୀର ମୋହନ ସାହୁଙ୍କ ସହ ଶ୍ରୀଧର ଦାସଙ୍କ ପରିବାରର ଦୀର୍ଘମାସ ଧରି କଳହ ଲାଗି ରହିଥିଲା। ଏପରିସ୍ଥଳେ ୨ ଦିନ ତଳେ ଫକୀର ଗ୍ରାମ ନିକଟ ମୁଣ୍ଡିଆକୁ ଶୌଚ ହେବାକୁ ଯାଇ ଘରକୁ ଫେରୁଥିବା ବେଳେ ଶ୍ରୀଧରଙ୍କ ୩ ପୁଅ କୃଷ୍ଣଚନ୍ଦ୍ର, ବଳରାମ ଓ ପଣ୍ଟୁ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରବର୍ତ୍ତୀ ସମୟରେ ଶ୍ରୀଧର, ତାଙ୍କ ସ୍ତ୍ରୀ ଓ ଅନ୍ୟ ଦୁଇଜଣ ମାରଣାସ୍ତ୍ର ସହ ଫକୀରଙ୍କ ବାସଗୃହ ନିକଟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ । ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ଫକୀର ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ଫକୀର ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶ୍ରୀଧର, ସ୍ତ୍ରୀ ରଜନୀ ଦାସ, ୩ ପୁଅଙ୍କ ସମେତ ୨ ସହଯୋଗୀଙ୍କ ନାମରେ ମାମଲା (ନଂ.୧୭୧/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ପାରମ୍ପରିକ ଲୋକକଳା ଉଜ୍ଜୀବିତ ରଖିବା ପ୍ରୟାସ

### ଖଣ୍ଡପଡ଼ା କଳା ବିକାଶ ପରିଷଦର ସମ୍ବର୍ଦ୍ଧନା ଉତ୍ସବ

ଖଣ୍ଡପଡା,୮।୯(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡା ଗଡଜାତ ଅଞ୍ଚଳର ପ୍ରାଚୀନ ଲୋକକଳା ଢୁମ୍ପା ସଙ୍ଗୀତ ସମ୍ପ୍ରତି ପ୍ରସାରପ୍ରଚାର ବିନା ହଜିଯିବାକୁ ବସିଛି। ଏହି ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ ରଖିବାର ମହତ୍ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଥିବା ଖଣ୍ଡପଡା କଳା ବିକାଶ ପରିଷଦ ପକ୍ଷରୁ ରବିବାର ସ୍ଥାନୀୟ ଶୁଭ ମଣ୍ଡପ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ସୁନାମଧନ୍ୟ କଳାକାର, କଣ୍ଠଶିଳ୍ପୀ ଯୋଗଦେଇଥିଲେ । ଏଠାକାର ଲୋକକଳା ଢୁମ୍ପା ସଙ୍ଗୀତର ଖ୍ୟାତି ରାଜ୍ୟ ଓ ରାଜ୍ୟ ବାହାରେ ରହିଥିଲା। ଏବେ ଏହି ପାରମ୍ପରିକ ଲୋକକଳା ଜନମାନସରୁ ହଜି ଯିବାକୁ ବସିଥିବାରୁ ଏ ନେଇ କଳା ବିକାଶ ପରିଷଦର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ନୂତନ ଯୁବପିଢିଙ୍କୁ ଢୁମ୍ପା ସଙ୍ଗୀତ ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା, ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିଥିବା ବରିଷ୍ଠ କଳାକାର, କଣ୍ଠଶିଳ୍ପୀଙ୍କୁ ଉତ୍ସାହିତ କରିବା ସହ ସମ୍ବର୍ଦ୍ଧିତ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ୨ବର୍ଷ ଧରି ଉଦ୍ୟମ ଜାରି ରହିଛି। ଏ ଅବସରରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ପରିଚିତ ଖଣ୍ଡପଡା ସହରର ବିଶିଷ୍ଟ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ ଓ ଢୁମ୍ପା ସଙ୍ଗୀତର ପୁରୁଖା କଳାକାର ଗିରିଧାରୀ ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଆବାହକ ଦୀନବନ୍ଧୁ ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବ ପରିଚାଳନାରେ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସାକ୍ଷରତା, ବହୁଭାଷା ଶୀର୍ଷକ ଆଲୋଚନାଚକ୍ର

ଓଡ଼ଗାଁ, ୮।୯(ସ୍ୱ.ପ୍ର.)

ରଘୁନାଥ ସମବାୟ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ବିଶ୍ୱ ସାକ୍ଷରତା ଦିବସରେ ସାକ୍ଷରତା ଓ ବହୁଭାଷା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗୀୟ ଅଧ୍ୟାପକ ଡ. କୃପାସିନ୍ଧୁ କରଣ ସମ୍ବଳ ଶିକ୍ଷକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଓ ଅଧ୍ୟାପକଙ୍କ ସହିତ ଛାତ୍ରୀଛାତ୍ର ଉପସ୍ଥାପିତ କରିଥିବା ସନ୍ଦର୍ଭ ବିଷୟବସ୍ତୁ ମଧ୍ୟରେ ସାରା ପୃଥିବୀରେ ଭାଷା କିପରି ମଣିଷ ଜୀବନକୁ ପ୍ରଭାବିତ କରୁଛି ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ଅର୍ଥନୀତି ବିଭାଗର ମୁଖ୍ୟ ବାବାଜୀ ପରିଡା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଅମର୍ତ୍ତ୍ୟ ସେନଙ୍କ ଶିକ୍ଷା ଓ ଅର୍ଥ ନୀତି ତତ୍ତ୍ୱକୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ବିଭାଗୀୟ ଅଧ୍ୟାପକ ଶୁଭଶ୍ରୀ ଶୁଭସ୍ମିତା, ଲକ୍ଷ୍ମୀପ୍ରିୟା ଓ ଡିଇଓ ଜିତେନ୍ଦ୍ର କୁମାର ସାହୁଙ୍କ ସହିତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ଭଦ୍ରକ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ଗଣନା**

No. 12-PP:

ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆସନ୍ତା ତା-୧୧.୦୯.୨୦୧୯ ଠାରୁ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଣୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କାରିଗରମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ସହିତ ଗଣନା କାର୍ଯ୍ୟରେ ସହଯୋଗ କରିବେ । କୌଣସି ଅସୁବିଧା ହେଲେ କିମ୍ବା ଗଣନାକାରୀ ଆପଣଙ୍କ ପାଖରେ ନ ପହଞ୍ଚି ପାରିଲେ ଆପଣ ମାନେ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଆମର ଦେୟମୁକ୍ତ ସହାୟତା ନମ୍ବର ୧୮୦୦-୩୪୫-୭୧୬୩ ସହ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

43002/11/0005/1920

## ସଂକ୍ଷେପରେ

### ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

**ବୋଲଗଡ଼,୮।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକ କଡବଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହଙ୍କ ଆବାହକତ୍ୱରେ ବୈଠକ ଆୟୋଜିତ ହୋଇଛି। ସଙ୍ଗଠନର ବୋଲଗଡ ବ୍ଲକ ଉପଦେଷ୍ଟା ନାରାୟଣ ବେହେରା ପୌରୋହିତ୍ୟ କରିଥିଲେ। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରରେ ହେବାକୁ ଥିବା ଏକ ରାଷ୍ଟ୍ରୀୟ କୃଷକ ସମାବେଶରେ ସାମାଜିକ କର୍ମୀ ଆନ୍ନା ହଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଯୋଜକ ମାନସିଂହ ବୈଠକରେ ସୂଚନା ଦେଇଥିଲେ। ତେଣୁ ହେବାକୁ ଥିବା ରାଷ୍ଟ୍ରୀୟ କୃଷକ ସମାବେଶରେ ଖୋର୍ଦ୍ଧା ଜିଲାରୁ ବହୁ ସଂଖ୍ୟାରେ କୃଷକ ତଥା ଚାଷୀମାନେ ଯୋଗଦେବାକୁ ସେ ପ୍ରସ୍ତାବ ଦେଇଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ କୃଷକ ଏବଂ ଚାଷୀ ପରିବାର ସବୁ ସରକାରୀ ସ୍ତରରେ ଅବହେଳା ବିରୋଧରେ ପ୍ରତିବାଦ ପାଇଁ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନର ରାଜ୍ୟ ସଦସ୍ୟ ସୁରେନ୍ଦ୍ର ମହାରଣା କହିଥିଲେ। ସେହିପରି ସଙ୍ଗଠନର ରାଜ୍ୟ ସଦସ୍ୟ ରଞ୍ଜିତ ନାୟକ କହିଥିଲେ, କାଳିଆ ଯୋଜନାରେ ଠିକ୍ ଚାଷୀ ପରିବାରମାନଙ୍କୁ କାଳକ୍ଷେପଣ ନୀତି ଅବଲମ୍ବନ ନ କରି ଅତିଶୀଘ୍ର ସରକାର ଘୋଷଣା କରିଥିବା ସହାୟତା ରାଶି ପ୍ରଦାନ କରନ୍ତୁ। ସେହିପରି ଚାଷୀମାନଙ୍କୁ ପେନସନ, ସରକାରୀ ଦପ୍ତରରେ ସମ୍ମାନ ଏବଂ ଚାଷୀ ଉତ୍ପାଦିତ ଦ୍ରବ୍ୟର ଠିକ୍ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସରକାର ପଦକ୍ଷେପ ନେବା ଦରକାର ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଳିନୀ ବଡଜେନା, ପଞ୍ଚାୟତ ସଂଯୋଜକ ସନାତନ ରାଉତରାୟ ଯୋଗଦେଇଥିଲେ।

### ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା



**ରଣପୁର,୮।୯(ସ୍ୱ.ପ୍ର.):** ରଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୁରୀର ଚାରଣ ଗୋଷ୍ଠୀ ପକ୍ଷରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ୫୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ଚାରଣ ଗୋଷ୍ଠୀର ବିଜୟ କୁମାର ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀମାନେ ଏହାକୁ ପରିଚାଳନା କରିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତି କିପରି ବୁଦ୍ଧିମନ୍ତ ହୋଇପାରିବ ସେ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ପରୀକ୍ଷା କରାଯାଇଛି।

### ବିଦ୍ୟାଳୟରେ ରକ୍ତଦାନ ଶିବିର

**ପୁରୀ ଅଫିସ, ୮।୯:** ସ୍ଥାନୀୟ ପୋଲିସ ହାଇସ୍କୁଲର ୧୯୯୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ))ସ୍କୁଲ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ସହର ତଥା ସଦର ଅଞ୍ଚଳରେ ବିଭିନ୍ନ ସମୟରେ ଡାକ୍ତରଖାନାକୁ ଆସୁଥିବା ଲୋକଙ୍କ ରକ୍ତ ଦରକାର ପଡୁଛି। ତେଣୁ ଏହି ଲୋକମାନଙ୍କୁ ସହଯୋଗ କରିବା ଲାଗି ଏହି ଶିବର ଆୟୋଜନ କରାଯାଇଥିବ ପୁରାତନ ଛାତ୍ରୀଛାତ୍ର କହିଛନ୍ତି।

■ ନୂଆଗାଁ ବ୍ଲକରେ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ

# ନିମ୍ନମାନର କାମ କରି ଟଙ୍କା ହଡ଼ପ ଉଦ୍ୟମ

**ନୂଆଗାଁ,୮।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ମାଧ୍ୟମରେ ପ୍ରତି ପରିବାରକୁ ଘରୋଇ ପାଇଖାନା ଯୋଗାଇ ଦିଆଯାଉଛି। ହେଲେ ଅନେକ ସ୍ଥାନରେ ନିମ୍ନମାନର ପାଇଖାନା ନିର୍ମାଣ କରି ଟଙ୍କା ହଡ଼ପ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି ।

ଏହି ଯୋଜନାରେ ପ୍ରତି ପରିବାରକୁ ପାଇଖାନା ନିର୍ମାଣର କାର୍ଯ୍ୟାଦେଶ ଦିଆଯାଇ ସେଥିପାଇଁ ୧୨,୦୦୦ ଟଙ୍କା ଅନୁଦାନ ଦିଆଯାଉଛି। କାର୍ଯ୍ୟାଦେଶ ପାଇବାର ୧୫ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ରହିଛି। ପୁଣି କାମ ସାରିବାର ଏକସପ୍ତାହ ମଧ୍ୟରେ ଅନୁଦାନ ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ନୂଆଗାଁ ବ୍ଲକର ଅନେକ ହିତାଧିକାରୀ ପାଇଖାନା ନିର୍ମାଣ କରିବାର ଏକବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ବିଲ୍ ପ୍ରଦାନ କରାଯାଇ ନାହିଁ। ଫଳରେ ଘରୋଇ ପାଇଖାନା



ପାଇଖାନା ଟାଙ୍କିରେ ଗୋଟିଏ ନଦ ପକାଇ ଢାଙ୍କୁଣି ପକାଯାଇଛି।

ନିର୍ମାଣ କରିବା ପାଇଁ ହିତାଧିକାରୀ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ଅକ୍ଟୋବର ୨ ତାରିଖ ସୁଦ୍ଧା ଏହି ଯୋଜନା ବନ୍ଦ ହେବାକୁ ଯାଉଥିବାରୁ କିଭଳି ବେସ୍ ଲାଇନ ସର୍ଭେରେ ରହିଥିବା ହିତାଧିକାରୀଙ୍କ ପାଇଖାନା ନିର୍ମାଣ କରାଯିବ ସେଥିପାଇଁ ବ୍ଲକ ପ୍ରଶାସନ ଓ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେଣୁ ପାଇଖାନା ନିର୍ମାଣ ପାଇଁ ଅନେକ ଠିକାସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଗଲା। କମ୍ ସମୟ ମଧ୍ୟରେ କିଭଳି ଅଧିକ ପାଇଖାନା ନିର୍ମାଣ କରାଯିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଠିକାଦାରଙ୍କ ପର୍ଯ୍ୟନ୍ତ ଲାଗିପଡିଛନ୍ତି। ସରକାରୀ ନିୟମ ଅନୁସାରେ ଦିଆଯାଉଥିବା ଅନୁଦାନରେ ପାଇଖାନା ଘର ନିର୍ମାଣ, ପ୍ୟାନ ବସାଇ କବାଟ ଲଗାଇବା, ଦୁଇ ଗୋଟି ଟାଙ୍କି ଖୋଳି ପ୍ରତ୍ୟେକ ଟାଙ୍କିରେ ୩ଟି ଲେଖାଏ ନଦ ଥୋଇ ଢାଙ୍କୁଣି ପକାଇବା ଏବଂ ଟାଙ୍କି ଦୁଇଟିରେ ୱାଇ ଟ୍ରାପ ଲଗାଇ ପ୍ୟାନ ସହ ସଂଯୋଗ କରିବା କଥା। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗୋଟିଏ ଟାଙ୍କିରେ ତିନିଗୋଟି ନଦ ପକାଇ ଅନ୍ୟ ଗୋଟିଏ ସ୍ଥାନରେ ଟାଙ୍କି ନ ଖୋଳି କେବଳ ଗୋଟିଏ ନଦ ଥୋଇ ଢାଙ୍କୁଣି ପକାଇବା ସହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଦେଖିବାକୁ ମିଳୁଛି । ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଅଧିକାରୀ ତଦାରଖ କରିବା ସହ ଜିଆରଏସ ଫଟୋ ଉଠାଇ ଜିଓ ଟ୍ୟାଗିଂ କରିବା ପରେ ଅନୁଦାନ ପ୍ରଦାନ କରିବା ନିୟମ ରହିଛି। ହେଲେ ନିମ୍ନମାନର କାର୍ଯ୍ୟ କରି ତଳଠାରୁ ଉପର ପର୍ଯ୍ୟନ୍ତ ଅନୁଦାନ ହଡ଼ପ ଉଦ୍ୟମ କରୁଥିବା କେତେଜଣ ହିତାଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲଙ୍କୁ ପଚାରିବାରୁ ସେ ଏପରି କାର୍ଯ୍ୟ କେଉଁଠି ହୋଇଛି ଦେଖିବା ପରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି।

# ଜିଲା ଲେଖକ ପରିଷଦ ପକ୍ଷରୁ ବର୍ଷା ଆସର



ବର୍ଷା ଆସରରେ ଉପସ୍ଥିତ କବି, ଲେଖକ।

**ଗଣିଆ,୮।୯ (ଡି.ଏନ.ଏ.)**

ବିଶେଷ କରି ବର୍ଷା ଋତୁ କବି ଓ ଲେଖକମାନଙ୍କୁ ବିଭିନ୍ନ କବିତା ଓ ଗଳ୍ପ ଲେଖିବାକୁ ପ୍ରେରଣା ଦେଇଥାଏ। ଏଭଳି ପରିପ୍ରେକ୍ଷୀରେ ରବିବାର ନୟାଗଡ ଜିଲା ଲେଖକ ପରିଷଦ ତରଫରୁ ଗଣିଆ ପଞ୍ଚାୟତ ସମିତି ସଭାଗୃହରେ ବର୍ଷା ଆସର ୨୦୧୯ ଅନୁଷ୍ଠିତ ହୋଇଯାଇଛି। ସଭାମୁଖ୍ୟ ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡ. ଆଶୁତୋଷ ମିଶ୍ର ସମ୍ମାନିତ ଅତିଥି, ଡ. ପ୍ରଦୀପ କୁମାର ମିଶ୍ର ମୁଖ୍ୟବକ୍ତା, ଗିରିଶ ଚନ୍ଦ୍ର ମିଶ୍ର, କଟକ ଜିଲା ନରସିଂହପୁର ସାହିତ୍ୟ ସମାଜ ସମ୍ପାଦକ ପଣ୍ଡିତ ବିନାୟକ ମିଶ୍ର, ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍, ବ୍ଲକ ସଂଯୋଜକ ଆନନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ପଠାଣି ସାମନ୍ତ, ଯଦୁମଣି ମହାପାତ୍ର ଓ ଉପେନ୍ଦ୍ର ଭଞ୍ଜଙ୍କ ଭଳି ବହୁ ବିଦ୍ୱାନ୍, ଜ୍ଞାନୀଗୁଣି ଲେଖକ ଓ କବିମାନେ ନୟାଗଡ ମାଟିରେ ଜନ୍ମ ଗ୍ରହଣ କରି ଜିଲାର ଗୌରବ ଓ ଐତିହ୍ୟକୁ ସାରା ଦେଶରେ ପ୍ରତିପାଦିତ କରିଛନ୍ତି।

**ଯୋଗଦେଲେ ରାଜ୍ୟର ୭୫ କବି, ଲେଖକ**

ଏହି ବରପୁତ୍ରମାନଙ୍କୁ ନେଇ ନୟାଗଡ଼ ମାଟି ଗର୍ବ ଅନୁଭବ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଜିଲାରେ ଅନେକ ଲେଖକ, ଗାଳ୍ପିକ, ସାହିତ୍ୟିକ ଓ କବି ଜନ୍ମ ନେଇଥିଲେ ମଧ୍ୟ ସେମାନଙ୍କ ପ୍ରତିଭା ବିକଶିତ ହୋଇପାରୁ ନାହିଁ। ଏମାନଙ୍କୁ ଉତ୍ସାହିତ କରି ଲେଖକ ପରିଷଦରେ ସାମିଲ ସହ ଜିଲା ତଥା ରାଜ୍ୟସ୍ତରରେ ପରିଚିତ କରାଇବା ଏଭଳି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆବାହକ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, କଟକ ଜିଲାର ନରସିଂହପୁର, ବାଙ୍କୀ, କୋରାପୁଟ ଜିଲାର ଜୟପୁର, ନୟାଗଡ ଆଦି ଜିଲାରୁ ୭୫ଜଣ ଲେଖିକା, ଲେଖକ, ଗାଳ୍ପିକ, କବୟିତ୍ରୀ, କବି ଯୋଗଦେଇଥିଲେ। ଚଳିତ ବର୍ଷା ଋତୁକୁ ନେଇ ବିଭିନ୍ନ କବିତା ପରିବେଷଣ ଆସରରେ ରୋମାଞ୍ଚ ଭରିଦେଇଥିଲା। କବି ଓ ଲେଖକମାନେ ବର୍ଷା, ମେଘ ଭରା ଆକାଶକୁ ନେଇ ପ୍ରେମ, ବିରହ, ଗାଁ ଗହୀର ବିଲର ପରିବେଶ ଓ ବ୍ୟାଙ୍ଗ ପରି ବିଭିନ୍ନ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଉତ୍ପଳ କୁମାର ସାହୁ ଓ କ୍ଷଣପ୍ରଭା କର ସଂଯୋଜନା କରିଥିଲେ ।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଯୋଗଦେଇଥିବା ବିଜେଡି ବିଧାୟକ ଓ ନେତାମାନେ।

**ନୟାଗଡ଼ ଅଫିସ,୮।୯**

ନୟାଗଡ଼ ସହରସ୍ଥିତ ଗୋପୀନାଥ କଲ୍ୟାଣମଣ୍ଡପରେ ରବିବାର ବିଜେଡିର ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଅମର ପ୍ରସାଦ ଶତପଥୀ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ନୟାଗଡ଼ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡାର ପୂର୍ବତନ ବିଧାୟକ ତଥା ଆଇଟି ସେଲ୍ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ଜିଲା ମହିଳାମୋର୍ଚ୍ଚା ଉପସଭାପତି ପ୍ରଭାସିନୀ ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରବିବାରଠାରୁ ଜିଲାରେ ସଭ୍ୟ ସଂଗ୍ରହ ଆରମ୍ଭ କରାଯାଇଥିବା ବେଳେ ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ସଭ୍ୟ ସଂଗ୍ରହ ବେଳେ ପ୍ରଥମଥର ପାଇଁ ଆଧାରକାର୍ଡ଼ ସଂଯୋଗ କରାଯିବ। ଜିଲାରେ ସଭ୍ୟ ସଂଗ୍ରହ କିପରି ରାଜ୍ୟରେ ଏକ ନମ୍ବର ହେବ ସେ ଦିଗ ପ୍ରତି ଗୁରୁତ୍ୱ ଦେବା ନେଇ ଆଲୋଚନା ହୋଇଥିଲା। କର୍ମୀମାନଙ୍କୁ ମଧ୍ୟ ଏ ନେଇ ଆହ୍ୱାନ ଦିଆଯାଇଥିଲା। ଜିଲାରେ ୪ ନିର୍ବାଚନମଣ୍ଡଳୀଠାରୁ ଆରମ୍ଭ କରି ପ୍ରତି ୱାର୍ଡ଼ରେ ସଭ୍ୟ ସଂଗ୍ରହ କରାଯିବ। ପ୍ରତି ନିର୍ବାଚନମଣ୍ଡଳୀରେ ୧୨ ହଜାର ସକ୍ରିୟ ସଦସ୍ୟ କରାଯିବ। ଏହା ପରେ ସେମାନେ ଅନ୍ୟ ସଦସ୍ୟମାନଙ୍କୁ ପଞ୍ଜୀକୃତ କରିବେ। ଜିଲାରେ ପାଖାପାଖି ୩ ଲକ୍ଷ ସଦସ୍ୟ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଯୁବ ମୋର୍ଚ୍ଚା, ଛାତ୍ର ମୋର୍ଚ୍ଚା, ମହିଳା ମୋର୍ଚ୍ଚାର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ୧୪ରୁ ସର୍ବଭାରତୀୟ ଯୋଗ ଉତ୍ସବ

**ପୁରୀ ଅଫିସ, ୮।୯**

ଓନ୍‌ଲି ଯୋଗା ଆନୁକୂଲ୍ୟରେ ଶ୍ରୀକ୍ଷେତ୍ରରେ ସର୍ବଭାରତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା, ଯୋଗ ଶିବିର ଆସନ୍ତ ୧୪ ଓ ୧୫ରେ ଅନୁଷ୍ଠିତ ହେବ। ସ୍ଥାନୀୟ ଦୁଦ୍‌ୱାଲା ଧର୍ମଶାଳାରେ ଆୟୋଜିତ ହେବାକୁ ଥିବା ଏହି ଦୁଇ ଦିବସୀୟ ପ୍ରତିଯୋଗିତା ଏବଂ ଶିବିରରେ ୯ ବର୍ଷରୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ସମସ୍ତ ବାଳକ ବିଭାଗରେ ଶ୍ରେଷ୍ଠ ବିଜେତାଙ୍କୁ ଭାରତ ଯୋଗପୁତ୍ର ଏବଂ ବାଳିକାଙ୍କୁ ଭାରତ ଯୋଗପୁତ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ସର୍ବଶ୍ରେଷ୍ଠ ବିଜେତା(ବାଳିକା ଓ ବାଳକ ବର୍ଗ)ଙ୍କୁ ଯୋଗଶ୍ରୀ ଉପାଧି ଦିଆଯିବ। ଯୋଗଶ୍ରୀ ଉପାଧିଧାରୀଙ୍କ ଗୁରୁଙ୍କୁ ଯୋଗଦ୍ରୋଣ ସମ୍ମାନ ପ୍ରଦାନ କରାଯିବ। ଦୁଇଦିନ ବ୍ୟାପୀ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଯୋଗାଭ୍ୟାସ କରାଯିବ ବୋଲି ସଂସ୍ଥା ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଯୋଗାର୍ଜୁନ ଭାବେ ପରିଚିତ ଯମେଶ୍ୱର ଖୁଣ୍ଟିଆଙ୍କ ଯୋଗାଭ୍ୟାସର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି କୁହାଯାଇଛି। ଶରୀରକୁ ସୁସ୍ଥ, ସବଳ ଏବଂ ଏକାଗ୍ରତା ବୃଦ୍ଧି ସକାଶେ ଯୋଗର ଆବଶ୍ୟକତା ରହିଛି।

■ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ୧୫ଦଫା କାର୍ଯ୍ୟାବଳୀ

# ସମୀକ୍ଷା କଲେ ଜାତୀୟ ଆୟୋଗ ଉପାଧ୍ୟକ୍ଷ

**ନୟାଗଡ଼ ଅଫିସ,୮।୯**

ନୟାଗଡ଼ ଜିଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀଙ୍କ ନୂତନ ୧୫ଦଫା କାର୍ଯ୍ୟାବଳୀର ସମୀକ୍ଷା ବୈଠକ ରବିବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଜାତୀୟ ଆୟୋଗର ଉପାଧ୍ୟକ୍ଷ ଜର୍ଜ କୁରିୟାନ୍ ସଭାପତିତ୍ୱ କରି ଏହି ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ଜିଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୫୮୨୫ (୨୦୧୧ ଜନଗଣନା ଅନୁଯାୟୀ) ଲୋକ ବସବାସ କରୁଛନ୍ତି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ସମନ୍ୱିତ ଶିଶୁ ବିକାଶ ଯୋଜନା, ଶିକ୍ଷା, ମଦ୍ରାସା ଶିକ୍ଷା, ବୈଷୟିକ ଶିକ୍ଷା, ଦକ୍ଷତା ବୃଦ୍ଧି, ଆତ୍ମନିଯୁକ୍ତି, ପ୍ରାଥମିକସ୍ତରରୁ ଉଚ୍ଚଶିକ୍ଷା ନିମନ୍ତେ ବିଭିନ୍ନ ଛାତ୍ରବୃତ୍ତି, ବିଭିନ୍ନ ଯୋଜନାରେ ଋଣ ବ୍ୟବସ୍ଥା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆବାସ ଯୋଜନା, ଭୂମିହୀନଙ୍କ ପାଇଁ ଘରଡିହ ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରି ସେମାନଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ। ଏହି ସମ୍ପ୍ରଦାୟ ଲୋକଙ୍କୁ ସରକାରଙ୍କ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗଦେଇ ସାମ୍ପ୍ରଦାୟିକ ଦଙ୍ଗା କିଛି ଘଟି ନ ଥିବା ପ୍ରକାଶ କରିଥିଲେ। ଜିଲାରେ ଆବଶ୍ୟକ ସଂଖ୍ୟକ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତି, ମାଛିପଡ଼ାଠାରେ ଥିବା ଏକମାତ୍ର ମଦ୍ରାସାର ଭିତ୍ତିଭୂମି ଉନ୍ନତି କରିବା ସହ ଉକ୍ତ ଅନୁଷ୍ଠାନକୁ କମ୍ପ୍ୟୁଟର ଯୋଗାଇ ଦେବା ପାଇଁ ଉପାଧ୍ୟକ୍ଷ ପ୍ରକାଶ କରିଥିଲେ । ବୈଠକକୁ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ ପରିଚାଳନା କରିଥିଲେ। ଶେଷରେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଗଠନମୂଳକ ପରାମର୍ଶ ଦେଇଥିଲେ ।




ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିମାନେ।

# ବିଭାଗ, ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ନୟାଗଡ଼ ଅଫିସ,୮।୯**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ବିଚାରଧାରା ରାଷ୍ଟ୍ର ପ୍ରଗତି ପାଇଁ ଉତ୍ସର୍ଗୀକୃତ ହେବା ଉଚିତ ବୋଲି କହିଥିଲେ। ପ୍ରାନ୍ତ ପରୀକ୍ଷା ସହ ସଂଯୋଜକ ମନୋଜ କୁମାର



ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଦାଶ, ଖୋର୍ଦ୍ଧା ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଅବିନାଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ଓ ବିଦ୍ୟାଳୟ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଜଗତ୍‌ସିଂହପୁର ଆଦି ଜିଲାରୁ ୩୫୦ ପ୍ରତିଯୋଗୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସକାଳେ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପର୍ଯ୍ୟବେକ୍ଷକ ଶରତ କୁମାର ସାହୁ ଯୋଗଦେଇ ବିଜ୍ଞାନ ହିଁ ଦେଶ ପ୍ରଗତିର ଆଧାର ବୋଲି କହିଥିଲେ।

■ ୧୯୭୫-୭୭ ବ୍ୟାଚ୍ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ସମାବେଶ

# ଶିକ୍ଷକଙ୍କ ଦିଗ୍‌ଦର୍ଶନ ସମାଜକୁ ବଦଳାଇପାରିବ

**ଓଡ଼ଗାଁ, ୮।୯(ସ୍ୱ.ପ୍ର.)**

ଶିକ୍ଷକ ସମାଜର ତ୍ୟାଗପୂତ ଶିକ୍ଷା, ଦିଗ୍‌ଦର୍ଶନ ଓ ସେମାନଙ୍କ କଲମ ସମାଜକୁ ବଦଳାଇବାରେ ସକ୍ଷମ। ୧୯୭୫-୭୭ ଶିକ୍ଷାବର୍ଷରେ ରାଜସୁନାଖଳାସ୍ଥିତ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଏକ ସମାବେଶରେ ଏହି ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ସାଧାରଣ ସୁବିଧା କେନ୍ଦ୍ର ପରିସରରେ ରବିବାର ଆୟୋଜିତ ସମାରୋହରେ ସଭାପତି ରାଜ କିଶୋର ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁବ ଶିକ୍ଷକ ଯଶୋବନ୍ତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଭକ୍ତରଞ୍ଜନ ମହାରଣା ମୁଖ୍ୟ ଅତିଥି ଓ ନୟାଗଡ ଦର୍ପଣର ପ୍ରତିଷ୍ଠାତା ହରିଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଖବରଦାତା ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ଓ ଗୋଦାବରୀଶ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜକିଶୋର ପ୍ରଧାନ, ଭଞ୍ଜକିଶୋର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଦାଶ, ନଗେନ୍ଦ୍ର ସୁନ୍ଦରରାୟ, ବ୍ରଜବନ୍ଧୁ ସାହୁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। କାଦମ୍ବିନୀ ପଟ୍ଟନାୟକ, ଯମୁନା ସାହୁ ଆରମ୍ଭରେ ଶ୍ରୀରଘୁନାଥଜୀଉଙ୍କ ଭଜନ ଓ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ଏହି ସମାବେଶରେ ପୁରୀ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦ ଜଣ ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀକାନ୍ତ ପଟ୍ଟନାୟକଙ୍କ ଦ୍ୱାରା ରଚିତ ପିଲାଙ୍କ ସଙ୍ଗୀତ ରୂପକ ଆମ କଥା ଆମ ଗାଥା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ମହାରଣାଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଘୁନାଥ ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ ।



ସମାବେଶରେ ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକମାନେ।

# ଆଧୁନିକତା ଚାପରେ କ୍ଷୀଣ ହୋଇଯାଉଛି ହୁଳହୁଳି ସ୍ୱର

**ଖଣ୍ଡପଡ଼ା,୮।୯(ସ୍ୱ.ପ୍ର.)**

**ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ**

ଆଜି ଥିଲା ଖୁଦୁରୁକୁଣୀ ଓଷାର ଶେଷ ପାଳି। ରାଜ୍ୟର ଉପକୂଳ ଅଞ୍ଚଳ ତଥା ଖଣ୍ଡପଡ଼ା ଓ ଏହାର ଆଖପାଖ କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, କୋସକା, କିଆଝର, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ମଙ୍ଗଳପୁର ଆଦି ଅଞ୍ଚଳରେ ଅଗଷ୍ଟ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ଖୁଦୁରୁକୁଣୀ ଓଷା ରବିବାର ୪ର୍ଥ ପାଳିରେ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ସାହିରେ ଆଲୋକ ସାଜସଜ୍ଜା ଓ ଭାଲୁକୁଣୀ (ଖୁଦୁରୁକୁଣୀ) ମୂର୍ତ୍ତିକୁ ନେଇ ଯୁବତୀମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ରଙ୍ଗବେରଙ୍ଗ ଆଲୋକ ସଜ୍ଜିତ ହୋଇଥିଲା। ହେଲେ ଆଧୁନିକ ଯନ୍ତ୍ର ସଙ୍ଗୀତ ପ୍ରଭାବରେ ଏହି ଓଷା ପାଳନ ସମୟରେ ଓଷେଇତୁଣୀଙ୍କ ହୁଳହୁଳି ସ୍ୱର ମଉଳି ଯାଇଥିବା ପରିଲକ୍ଷିତ ହୋଇଥିଲା।

ଓଡିଆ ଘରର ଝିଅ ଖୁଦୁରୁକୁଣୀ ଓଷାରେ ଉପବାସ ରହି ଭାଇମାନଙ୍କ ମଙ୍ଗଳ ପାଇଁ ମା'ମଙ୍ଗଳାଙ୍କୁ ସୁମରଣା କରିଥାଏ । ନାନା ମାନସିକ କରି ଝିଅଟି ଯୁବତୀ ହେବାଯାଏ ଏହି ଓଷା ପାଳିଥାଏ । ସକାଳୁ ଉଠି ଯୁବତୀମାନେ ଫୁଲ ତୋଳିବାକୁ ଯାଇଥିଲେ । ପରେ ଫୁଲ ଚାଙ୍ଗୁଡି ଧରି ନଦୀ ବା ପୋଖରୀ ତୁଠରେ ପହଞ୍ଚିଥିଲେ। ମା'ମଙ୍ଗଳାଙ୍କୁ ସୁମରଣା କରି ଓଦା ପରିଧାନରେ ତୁଠରେ ବାଲୁକା ଥାପି ଗୀତ ବୋଲି ପୂଜା କରିଥିଲେ । ପୂଜା ସମୟରେ ଅନେକ କିଶୋରୀ ବୟସର ଝିଅ ଥରିଥରି ତୁଣ୍ଡରେ ହୁଳହୁଳି ପକାଇଥିଲେ। ଖାଲି ଖୁଦୁରୁକୁଣୀ କାହିଁକି କୁଆଁର ପୁନେଇଁଠାରୁ ଆରମ୍ଭ କରି ଓଡିଆ ଘରର ନାନା ପର୍ବ ପର୍ବାଣିରେ ବୟସ୍କା ମହିଳାଙ୍କୁ ଅନୁକରଣ କରି ଝିଅମାନେ ହୁଳହୁଳି ପକାଇବା ଶିଖିଥାନ୍ତି। ଏହି ହୁଳହୁଳି ପକାଇବା ପାଇଁ ଘରର ମା', ଭଉଣୀ କିମ୍ବା ଅପାମାନେ ତାଗିଦ କରିଥାନ୍ତି। ହେଲେ ଏବେ ଆଧୁନିକତା ଚାପରେ ଯୁବତୀମାନେ ଏ ପାରମ୍ପରିକ ହୁଳହୁଳି ପକାଇବା ଭୁଲି ଗଲେଣି। ଓଷାର ଶେଷ ପାଳି ଅବସରରେ ଓଷା କୋଠିରେ ଝିଅମାନେ ଏକାଠି ହୋଇ ଖୁଦୁରୁକୁଣୀ ଓଷା ବହି ପଢିବା ବେଳେ ବହିର ବର୍ଣ୍ଣନା ଅନୁସାରେ ବାରମ୍ବାର ହୁଳହୁଳି ପକାଇଥିଲେ। ଓଷା ବ୍ରତରେ ହୁଳହୁଳି ନ ପଡିଲେ ତାହା ଓଷା ବ୍ରତ ପରି ଲାଗେ ନାହିଁ। ନାରୀ ମଥାରେ ସିନ୍ଦୂର ପରି ମହିଳାଙ୍କ ତୁଣ୍ଡରେ ହୁଳହୁଳି ପତିବ୍ରତା ଓ ପବିତ୍ରତାର ସୂଚନା ଦେଇଥାଏ। ହୁଳହୁଳି ସାମାଜିକ ଚଳଣିର ଏକ ଅଂଶ ହୋଇଥିବାରୁ ଧର୍ମ ସାହିତ୍ୟରେ ଏହାର ଯଥେଷ୍ଟ ଉଦାହରଣ ରହିଛି । ସନ୍ଧ୍ୟାରେ ପାରମ୍ପରିକ ବିଧି ଅନୁଯାୟୀ ଯୁବତୀମାନେ ଭୋଗଥାଳି ଧରି ପୂଜାସ୍ଥଳରେ ସମବେତ ହୋଇଥିଲେ। ଖୁଦୁରୁକୁଣୀ ବହି ପଢିବା ମଧ୍ୟରେ ପୂଜା ମଣ୍ଡପ ସମ୍ମୁଖରେ ଦିହୁଡ଼ୀ ଜଳାଇ ଝୁଣା ମାରିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ଥିଲା । କିମ୍ବଦନ୍ତୀ ଅନୁଯାୟୀ ସାଧବ ଲଳନା ତଅପୋଇ ଖୁଦୁରୁକୁଣୀ ଓଷା କରି ଭାଇମାନଙ୍କୁ ଫେରି ପାଇଥିଲେ । ସେହି ଦିନଠାରୁ ଏହି ପୂଜା ପାଳିତ ହୋଇଆସୁଛି ।